## ଏକକ ୪: ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ପାଇଁ ପାଠ୍ୟକ୍ରମରେ ଥିବା ବ୍ୟବସ୍ଥା

ଟିପ୍ପଣୀ

ସଂରଚନା


୪.୦-ଉପକ୍ରମ

୪.୧-ଶିକ୍ଷଣ ଉଦ୍ଦେଶ୍ୟ

୪.୨-ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫: ପରିବେଶ ଅଧ୍ୟୟନର ଉଦ୍ଦେଶ୍ୟ

୪.୨.୧-ଜାତୀୟ ପାଠ୍ୟକ୍ରମ ଆଧାରରେ ସୂଚୀତ ଉଦ୍ଦେଶ୍ୟରୁ ପାଠ୍ୟଖସଡା

୪.୨.୨-ପାଠ୍ୟଖସଡାରେ ବିଷୟ ଭିତ୍ତିକ ପନ୍ଥା

୪.୩-ପାଠ୍ୟ ଖସଡାରୁ ପାଠ୍ୟପୁସ୍ତକ

୪.୪-ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକ

୪.୪.୧-ଶିରୋନାମା

୪.୪.୨-ବିଷୟ ବସ୍ତୁ(ପ୍ରସଙ୍ଗ)ର ଚୟନ ଓ ସଙ୍ଗଠନ

୪.୪.୩-ସମନ୍ୱୟ

୪.୪.୪-ବିଷୟବସ୍ତୁ (ପ୍ରସଙ୍ଗ) ସଙ୍ଗଠନର ସ୍ୱରୂପରେ ବିବିଧତା

୪.୪.୫-ବିଭିନ୍ନ ପ୍ରକାରର ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟ

୪.୪.୬-ବିବିଧ ଶିକ୍ଷଣ ଶୈଳୀ ପାଇଁ ସହାୟତା

୪.୫-ଶ୍ରେଣୀ କୋଠରୀ ଓ ପାଠ୍ୟପୁସ୍ତକ ବାହାରକୁ ଯାଇ ଶିକ୍ଷଣ

୪.୬-ପରିବେଶ ଅଧ୍ୟୟନ ଶିକ୍ଷଣ ପରିଚାଳନାରେ ଅର୍ନ୍ତଭୁକ୍ତ ଆହ୍ୱାନ ସମୂହ

୪.୭-ସାରାଂଶ

୪.୮-ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୪.୯-ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୪.୧୦-ପାଠାନ୍ତ ପ୍ରଶ୍ନାବଳୀ


### ୪.୦-ଉପକ୍ରମ

ପୂର୍ବ ଏକକ ମାନ ପଢି ତୁମେ ଜାଣିଛ ଯେ "ଆମ ଚତୁଃପାର୍ଶ୍ୱରେ ଯାହାସବୁ ଅଛି ତାକୁ ହିଁ "ପରିବେଶ" କୁହାଯାଏ । ପରିବେଶ ର ବିଷୟ ବସ୍ତୁ ପ୍ରତ୍ୟେକ ବିଷୟ ଓ ଜ୍ଞାନର ପ୍ରତ୍ୟେକ ବିଭାଗ ସହ ସହ ସମ୍ପୃକ୍ତ ।

ଜାତୀୟ ପାଠ୍ୟକ୍ରମ ଆଧାର (ଜା.ପା.ଆ) ୨୦୦୫ ର ସୁପାରିଶ – ସମଗ୍ର ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ କୁ ସମନ୍ୱିତ ରୂପେ ପଢାଯିବା ଆବଶ୍ୟକ) ଉପରେ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ମଧ୍ୟ ପୁନଃଗୁରୁତ୍ୱ ଆରୋପ କରିଛି । ଜା.ପା.ଆ ୨୦୦୫ ଆଧାରିତ ପରିବେଶ ଅଧ୍ୟୟନ ପାଠ୍ୟଖସଡା ର ଢାଞ୍ଚା ଏକ ସମନ୍ୱିତ ବ୍ୟବସ୍ଥା କୁ ସୂଚାଏ ଯାହା ଭୌତିକ ବିଜ୍ଞାନ,ସାମାଜିକ ବିଜ୍ଞାନ ଓ ପରିବେଶ ଶିକ୍ଷାର ଅନ୍ତର୍ନିହିତ ସମ୍ବନ୍ଧ ଉପରେ ପର୍ଯ୍ୟବେସିତ । ପାଠ୍ୟ ପୁସ୍ତକକୁ ବୁଝିବା ଓ ବ୍ୟବାହାର କରିବା ପାଇଁ ପାଠ୍ୟଖସଡାର ସଙ୍ଗଠନ ସହ ପରିଚିତ ହେବା ଗୁରୁତ୍ୱପୂର୍ଣ୍ଣ ।

ଟିପ୍ପଣୀ

ତୁମେ ତୃତୀୟ,ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଶିକ୍ଷାଦାନରେ ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକ ସହ ପରିଚିତ ହୋଇଥିବ । ତୁମର ସେହି ପାଠ୍ୟ ପୁସ୍ତକ ବ୍ୟବହାର ସଂକ୍ରାନ୍ତୀୟ କିଛି ପ୍ରଶ୍ନ, ଅସୁବିଧା, ଆଶଙ୍କା ତଥା କିଛି ସକରାତ୍ମକ ଅନୁଭୂତ ଥାଇପାରେ ।

ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ରେ ସୂଚୀତ ପରିବେଶ ଅଧ୍ୟୟନର ଉଦ୍ଦେଶ୍ୟ ହାସଲ ପାଇଁ ଏହି ଏକକର ଅଧ୍ୟୟନ ତୁମର କେତେକ ଆଶଙ୍କା, ସନ୍ଦେହ ଦୂର କରିବାରେ ସହାୟକ ହେବ ।

## ୪.୧- ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ଅଧ୍ୟୟନ ପରେ ତୁମେ-

* ପରିବେଶ ଅଧ୍ୟୟନ ପାଠ୍ୟଖସଡା ରେ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ର ଉଦ୍ଦେଶ୍ୟ ଗୁଡ଼ିକ କିପରି ପ୍ରତିଫଳିତ ହୋଇଛନ୍ତି ବୁଝାଇପାରିବ ।
* ପାଠ୍ୟଖସଡା ସନ୍ନିବିଷ୍ଟ ବିଷୟଗତ ପନ୍ଥାର ଆଧାର ବର୍ଣ୍ଣନା କରିପାରିବ ।
* ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକ ଅନ୍ତର୍ଭୁକ୍ତ ପ୍ରସଙ୍ଗମାନଙ୍କ ସଙ୍ଗଠନ ପଛରେ ଥିବା ପ୍ରକ୍ରିୟା ଓ ଯୁକ୍ତି ଆଦିକୁ ବୁଝାଇପାରିବ ।
* ପାଠ୍ୟ ପୁସ୍ତକର ବିବିଧ ଲକ୍ଷଣ/ଗୁଣ ଆଲୋଚନା କରିପାରିବ ।
* ପାଠ୍ୟ ପୁସ୍ତକକୁ ଏକ ଫଳପ୍ରଦ ଶିକ୍ଷାଦାନ-ଶିକ୍ଷଣ ସାଧନ ରୂପେ ବ୍ୟବହାର କରି ପାରିବ ।
* ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଆହ୍ୱାନ ଅନୁଯାୟୀ ଶ୍ରେଣୀ ପ୍ରକୋଷ୍ଠ ଓ ପାଠବହି ବାହାରେ ଶିକ୍ଷଣ ପ୍ରକ୍ରିୟାରେ ଆଲୋଚନା କରି ପାରିବ ।

## ୪.୨- ଜାତୀୟ ପାଠ୍ୟକ୍ରମ ଆଧାର **୨୦୦୫ : ପରିବେଶ ଅଧ୍ୟୟନର ଉଦ୍ଦେଶ୍ୟ ସମୂହ**

ଯେପରି ପୂର୍ବ ଏକକମାନ ଅଧ୍ୟୟନ କରି ତୁମେ ଜାଣିଛ, ସାମ୍ପ୍ରତିକ ପରିବେଶ ଅଧ୍ୟୟନ ପାଠ୍ୟଖସଡ଼ା ପ୍ରାଥମିକ ସ୍ତର ଶିକ୍ଷାରେ ଏକ ସମନ୍ୱିତ ବିଚାର ଧାରାକୁ ଅନ୍ତର୍ଭୁକ୍ତ କରିଛି ଯାହା ଭୌତିକ ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ପରିବେଶ ଶିକ୍ଷାର ଅନ୍ତର୍ଭୁକ୍ତ ଧାରା ଉପରେ ଆଧାରିତ ।

ଜା:ପା:ଆ: ୨୦୦୫ ପ୍ରାଥମିକ ସ୍ତର ପାଇଁ ଭୌତିକ ଓ ସାମାଜିକ ବିଜ୍ଞାନ ଶିକ୍ଷାଦାନ ଉଦ୍ଦେଶ୍ୟ ଗୁଡ଼ିକ ସୂଚିତ କରିଛି । ଏକକ ୨ରେ ଏହାର ଆଲୋଚନା ହୋଇଛି । ସେହି ରୂପେ ପଢ଼ି ଓ ତର୍ଜମା କରି ତୁମେ ଅନୁଭବ କରିବ ଓ ପାଇବ ଯେ ଏହା କେବଳ ବିଷୟଭିତ୍ତିକ ନହୋଇ ଅନ୍ୟାନ୍ୟ ଅନେକ ଆଚରଣ ଓ ଦକ୍ଷତାକୁ ପ୍ରସାରିତ ହୋଇଛି ଯାହା ଗତାନୁଗତିକ ଗୋଟିଏ ବିଷୟ ବା ଜ୍ଞାନର ଗୋଟିଏ ବିଭାଗରେ ସୀମିତ ନୁହଁ । ଅନେକ ସହପାଠ୍ୟ ବିଭାଗ ଯଥା ବିଭିନ୍ନ ସାମର୍ଥ୍ୟ, ମନୋବୃତ୍ତି ଓ ମୂଲ୍ୟବୋଧ ବିକାଶ ହେବା ସୁଯୋଗ ଥିବା ତୁମେ ଲକ୍ଷ୍ୟ କରିବ ।

NCERT ପ୍ରଣୀତ ପରିବେଶ ଅଧ୍ୟୟନ ପାଠ୍ୟ ଖସଡ଼ାର ସଙ୍ଗଠନ ଓ ବ୍ୟବସ୍ଥାରେ ଏହି ଉଦ୍ଦେଶ୍ୟ ଗୁଡ଼ିକ ପ୍ରତିଫଳନ ହୋଇଛି ।

### ୪.୨.୧ ଜା:ପା:ଆ: ସୂଚୀତ ଉଦ୍ଦେଶ୍ୟରୁ ପାଠ୍ୟଖସଡ଼ା

ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନକୁ କୌଣସି ଏକ ବିଭାଗ ରୂପେ ଭାରାକ୍ରାନ୍ତ ନ କରି ସାମଗ୍ରୀକ ରୂପେ ପରିବେଶ ଶିକ୍ଷଣର ପନ୍ଥା ରୂପେ ବିବେଚନା କରାଯାଏ ।

NCERT ପାଠ୍ୟଖସଡ଼ାରେ ଏଇ ଉପଲବ୍ଧି ଓ ବୁଝାମଣାକୁ ବିଭିନ୍ନ ରୂପରେ ପ୍ରତିଫଳିତ କରିବା ଚେଷ୍ଟା କରାଯାଇଛି ।

* ପାଠ୍ୟଖସଡ଼ାର ସଙ୍ଗଠନ କେତେଗୁଡ଼ିଏ ପ୍ରସଙ୍ଗର ତାଲିକା ରୂପେ ନ ହୋଇ ବିଷୟ ରୂପରେ ହୋଇଛି । ପ୍ରତ୍ୟେକ ବିଷୟର କେତୋଟି ଲେଖାଏଁ ଉପ ବିଷୟ ଅଛି ।
* ସମନ୍ୱୟ ଉପରେ ଗୁରୁତ୍ୱ ସହ ଉପବିଷୟ ଗୁଡ଼ିକ ସଂଯୁକ୍ତ ଓ ପ୍ରଗତିଶୀଳ (ଅଗ୍ରଗାମୀ) ଶୈଳୀରେ ସଙ୍ଗଠିତ ହୋଇଛନ୍ତି ।
* ଉପବିଷୟ ଗୁଡ଼ିକ ଏକ ସଂଯୁକ୍ତ ତଥା ପରସ୍ପର ସମ୍ପୃକ୍ତ ବୁଝାମଣା (ବୋଧ)ର ବିକାଶ ହୁଏ ।
* ବିଷୟ ଗୁଡ଼ିକ ମୁଖ୍ୟ ଧାରଣାରୁ ଆରମ୍ଭ ନହୋଇ ମୌଳିକ ପ୍ରଶ୍ନଠୁ ଆରମ୍ଭ ହୋଇଛନ୍ତି । ଏହାଦ୍ୱାରା ଶିକ୍ଷାର୍ଥୀ ଚିନ୍ତା କରିବା, ପ୍ରୟୋଗ କରିବା, ବୁଝିବା (ହୃଦୟଙ୍ଗମ କରିବା), ଓ ନିଜ ଭାବନାରେ ଶିକ୍ଷଣକୁ ପ୍ରକାଶ କରିବା ସମ୍ଭବ ହୋଇଥାଏ ।
* ବିଷୟ ଭିତ୍ତିକ ପନ୍ଥା ବିଭିନ୍ନ ବିଷୟ ତଥା ଜ୍ଞାନର ବିଭିନ୍ନ ବିଭାଗ ଭିତ୍ତିକ ଦୃଷ୍ଟିକୋଣର ବିକାଶ ଘଟାଏ ।
* ଶିକ୍ଷଣ କାର୍ଯ୍ୟ ଗୁଡ଼ିକ ପ୍ରସ୍ତାବ ହିଁ ଅଟନ୍ତି ଯାହାକୁ ନିଜ ଅଞ୍ଚଳର ପରିସ୍ଥିତି ଅନୁଯାୟୀ ବ୍ୟବହାର କରାଯାଇ ପାରିବ ।

### ୪.୨.୨ ପାଠ୍ୟ ଖସଡ଼ାରେ ବିଷୟ ଭିତ୍ତିକ ପନ୍ଥା

ଏକକ ୧ ର ସୂଚନା ମତେ ମନେ ପକାଅ ଯେ ପିଲାର 'ପରିବେଶ' ସମ୍ବନ୍ଧୀୟ ବୋଧ ଆମ (ଆମର ଅନ୍ତର୍ନିହିତ ସତ୍ତା ସହ) ଠୁ ଆରମ୍ଭ ହୁଏ । ସମୟ କ୍ରମେ ଏହା ନିରନ୍ତର ଏକ କୈନ୍ଦ୍ରିକ ବୃତ୍ତିୟ ଶୈଳୀରେ ପରିବର୍ଦ୍ଧିତ ହୁଏ ଯେଉଁ ବୋଧ (ବୁଝିବା) ଭିତରେ କ୍ରମେ ପରିବାର, ପଡୋଶୀ, ବିଦ୍ୟାଳୟ ଓ ଗୋଷ୍ଠୀ ସାମିଲ୍ ହୋଇଯାଏ । ବିବେଚନା କରାଯାଇଛି ଯେ ବିଷୟ ବସ୍ତୁର ବିଷୟ ଭିତ୍ତିକ ସଂରଚନା ଜରିଆରେ ଶିକ୍ଷାର୍ଥୀ ନିଜକୁ ଗୋଷ୍ଠୀ ଓ ଦେଶର ଏକ ଅଂଶ ରୂପେ ଏକ ବୃହତ୍ତର ପରିପ୍ରେକ୍ଷୀରେ ଚିହ୍ନଟ କରିବ । ବିଷୟ ଭିତ୍ତିକ ସଙ୍ଗଠନ ଜରିଆରେ ଶିକ୍ଷାର୍ଥୀ ଓ ଅନ୍ୟ ମାନଙ୍କ ସହ ପରିବେଶ ମଧ୍ୟରେ ଥିବା ପାରସ୍ପରିକ ନିର୍ଭରଶୀଳତାର ଏକ ସାମଗ୍ରୀକ ଧାରଣା ସୃଷ୍ଟି ହୁଏ । ଏହାସହ ଆମ ଗ୍ରହ ପୃଥିବୀରେ ଥିବା ସମସ୍ତ ଜୀବଜଗତ ଯଥା ଉଦ୍ଭିଦ, ପ୍ରାଣୀ ଓ ଅଣୁଜୀବ ମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ସମ୍ବନ୍ଧ ଓ ନିର୍ଭରଶୀଳତା ତଥା ଜୀବନ ଅନୁକୂଳ ବ୍ୟବସ୍ଥାମାନଙ୍କ ସମ୍ବନ୍ଧରେ ଶିକ୍ଷାର୍ଥୀ ଜ୍ଞାତ ହୁଏ ।

ପାଠ୍ୟ ଖସଡାର ଏକ ଉଲ୍ଲେଖନୀୟ ଲକ୍ଷଣ ହେଲା - ଏହା ସମନ୍ୱିତ ଅଟେ । ପ୍ରସ୍ତାବିତ ବିଷୟ ଗୁଡିକ ବିଭିନ୍ନ ପରିବେଶର ଯଥା ପ୍ରାକୃତିକ, ସାମାଜିକ ଓ ସାଂସ୍କୃତିକ ଯୋଜନା ଗୁଡିକର ସମ୍ବନ୍ଧ ଓ ପାରସ୍ପରିକ ନିର୍ଭରଶୀଳତାର ଏକ ଅବବୋଧର ବିକାଶ ଘଟାଏ ।

ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ପାଠ୍ୟ ଖସଡା ଛଅ (୬) ଗୋଟି ସାଧାରଣ ବିଷୟ କୁ ନେଇ ସଙ୍ଗଠିତ ହୋଇଛି ।

୧. ପରିବାର ଓ ସାଙ୍ଗ ସାଥୀ

- ୧.୧ ବିଭିନ୍ନ ସମ୍ପର୍କ,
- ୧.୨ କାର୍ଯ୍ୟ ଓ ଯୋଜନା
- ୧.୩ ପ୍ରାଣୀ ଜଗତ,
- ୧.୪ ଉଦ୍ଭିଦ ଜଗତ

୨. ଖାଦ୍ୟ
୩. ବାସସ୍ଥାନ (ଆଶ୍ରୟ),
୪. ଜଳ,
୫. ଯାତ୍ରା (ଗମନାଗମନ),
୬. ଆମ ଦ୍ୱାରା ସୃଷ୍ଟି ଜିନିଷ ଓ ଆମେ କରୁଥିବା କାର୍ଯ୍ୟ ।
(ଏକକ ୩ ରେ ଥିବା ଜା:ପା:ଆ:୨୦୦୫ ପାଖ ଖସଡା ଦେଖ)

ଜ୍ଞାନର ଏକ ବିଭାଗ ବା ଏକ ବିଷୟ ପରିବର୍ତ୍ତେ ଶିକ୍ଷାର୍ଥୀର ନିଜ ଅନୁଭୂତିରୁ ହିଁ ବିଷୟର ସୂଚୀ ସ୍ଥିର ହୋଇଛି । ଦୈନନ୍ଦିନ ଜୀବନରେ ପିଲା ଯେଉଁ ସବୁ ଜିନିଷ ଓ ପରିସ୍ଥିତିର ସମ୍ମୁଖୀନ ହୁଏ ସେଇ ଶୈଳୀରେ ହିଁ ସେଗୁଡିକର ଉପସ୍ଥାପନା ହୋଇଛି । ନିଜର ବ୍ୟକ୍ତିଗତ ଅନୁଭୂତିରୁ ଆରମ୍ଭ କରି ଶିକ୍ଷାର୍ଥୀ ଅନାୟାସରେ ନିଜ ଜ୍ଞାନର ଗଠନ କରିବା ସହ ତାତ୍ତ୍ୱିକ ଜ୍ଞାନ ସହ ତାକୁ ସଂଯୁକ୍ତ କରେ । ଏହି ଦୃଷ୍ଟିରୁ ଶିକ୍ଷାର୍ଥୀର ପରିବେଶ ସମ୍ବନ୍ଧୀୟ ଅବବୋଧ ଏକ ସମକୈନ୍ଦ୍ରିକ ବୃତ୍ତିୟ ଶୈଳୀରେ ବିକଶିତ ହୁଏ ।

ସେଇ ସମାନ ବିଷୟ ଗୁଡିକ ୩ (ତିନି) ବର୍ଷ ପର୍ଯ୍ୟନ୍ତ ଚାଲେ । କ୍ରମଶଃ ଶିକ୍ଷାର୍ଥୀର ନିଜ ଠୁ ଆରମ୍ଭ ହୋଇ ପରିବାର, ପଡୋଶୀ, ଅଞ୍ଚଳ ଓ ଗୋଷ୍ଠୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୁଏ । ପରିଚିତର ଅନୁସନ୍ଧାନଠୁ ଆରମ୍ଭ କରି ଶିକ୍ଷାର୍ଥୀ ବଡ ହେବା ମଧ୍ୟରେ ନିଜ ଜ୍ଞାନର ଦିଗନ୍ତ (ପରିସୀମା)ର ବିସ୍ତାର କରିଚାଲେ । ଏହା ସହ ଶିକ୍ଷାର୍ଥୀ ନିଜକୁ ଏକ ପରିବାରର ସଦସ୍ୟ, ଏକ ସାମାଜିକ ଗୋଷ୍ଠୀର ଅଂଶ, ବିଦ୍ୟାଳୟ ଗୋଷ୍ଠିର ସଦସ୍ୟ ଓ ସହର ବା ଦେଶର ଏକ ନାଗରିକ ରୂପେ ଆବିଷ୍କାର କରିଚାଲେ ।

ତିନି ବର୍ଷ ମଧ୍ୟରେ ବିଷୟ ଓ ଉପ ବିଷୟ ଗୁଡିକର ଏକ କୈନ୍ଦ୍ରିକ ବୃତ୍ତିୟର ଏକ ନମୂନା ନିମ୍ନରେ ଦିଆଯାଇଛି ।

ବିଷୟ - ପରିବାର ଓ ସାଙ୍ଗ ସାଥୀ
ଉପବିଷୟ - କାମ ଓ ଖେଳ

| ଶ୍ରେଣୀ ତୃତୀୟ (୩) | ଶ୍ରେଣୀ ଚତୁର୍ଥ (୪) | ଶ୍ରେଣୀ ପଞ୍ଚମ (୫) |
|---|---|---|
| **ମୋ ଚାରି ପାଖରେ ହେଉଥିବା କାମ** -<br>● ବିଭିନ୍ନ ବୃତ୍ତି , କାମ ଓ ଅବସର ସମୟ, ଘର ଭିତର ଓ ବାହାର କାମ, ଲିଙ୍ଗ, ବୟସ, ଜାତି, ଅର୍ଥନୀତି ଇତ୍ୟାଦି | **ଖେଳରେ ଆନନ୍ଦ ଓ କଳହ**<br>● ଘରେ ଓ ବିଦ୍ୟାଳୟରେ ଖେଳାଯାଉଥିବା ବିଭିନ୍ନ ଖେଳ<br>● ସାମାଜିକ ବୁଝାମଣା ପାଇଁ ଖେଳ ଏକ ମାଧ୍ୟମ - ପ୍ରତ୍ୟେକ ଖେଳର ନିୟମ,କଳହ ଓ ସୂଚାର ରୂପେ ଖେଳିବା ପାଇଁ ଆବଶ୍ୟକ ଧାରଣା | ● ଦଳଗତ ଖେଳ - ତୁମ ଆଦର୍ଶ ନାୟକ<br>● ଖେଳ ଦୌଡ଼କୁଦର ପ୍ରକାର, ଖେଳରେ ଦଳୀୟ ମନୋଭାବର ଗୁରୁତ୍ୱ, ଆମ ମନରେ ଥିବା ଲିଙ୍ଗ ଗତାନୁଗତିକ ଧାରଣା |

| | | |
|---|---|---|
| **ଶିଶୁ ଶ୍ରମିକ**<br>● ପାରିବାରିକ ଅବହେଳା ପରିବର୍ତ୍ତେ ବ୍ୟବସ୍ଥାଗତ କାରଣରୁ ଘରେ ଓ ବାହାରେ କାମ କରୁଥିବା ଶିଶୁଙ୍କ ପ୍ରତି ଶିକ୍ଷାର୍ଥୀଙ୍କୁ ସଚେତନ କରିବା<br>● ସମସ୍ତ ପିଲା ବିଦ୍ୟାଳୟକୁ ଯିବା ଗୁରୁତ୍ୱ ପୂର୍ଣ୍ଣ ଏଥିପାଇଁ ସଚେତନ କରିବା ।<br>● ସମସ୍ତ ଶିଶୁ ସାଧାରଣ ବିଦ୍ୟାଳୟକୁ ଯିବା ପୂର୍ବରୁ ଅନ୍ୟ ଦେଶରେ ଶିଶୁ ଶ୍ରମିକ ବ୍ୟବସ୍ଥାର ସ୍ଥିତି କିପରି ଥିଲା ।<br>**ଆମେ ଖେଳୁଥିବା ଖେଳ**<br>● ବିଦ୍ୟାଳୟ ଓ ବାହାରେ ବର୍ତ୍ତମାନ ଓ ଅତୀତରେ ଖେଳାଯାଇଥିବା ଖେଳ; କିଛି ଲୋକଙ୍କ ପାଇଁ ଖେଳ ହିଁ କାମ | ●ଖେଳରେ କଟକଣା; ଅନ୍ୟ ଲିଙ୍ଗ, ସାମାଜିକ ଶ୍ରେଣୀ / ଜାତିର ଖେଳ ସାଥି<br>**ସେମାନେ ଦକ୍ଷତା / କୌଶଳ କିପରି ଆହରଣ କରିନ୍ତି**<br>● ନିଜ ଅଞ୍ଚଳ / ଦେଶରେ ପ୍ରଚଳିତ ବିଭିନ୍ନ ବୃତ୍ତି<br>● କିଏ କେଉଁ କାର୍ଯ୍ୟ କରନ୍ତି ?<br>● ଲିଙ୍ଗଭେଦ ଓ କାର୍ଯ୍ୟ<br>**ମେଳା / ସର୍କସରେ ମଜା**<br>● ଅବସର ବିନୋଦନର ବିଭିନ ଉପାୟ | ● ଅନ୍ୟ ଦେଶ ଓ ଜାତୀୟ ଦଳ ସମ୍ବନ୍ଧରେ ଧାରଣା<br>● ଲିଙ୍ଗ ଓ ସାମାଜିକ ଶ୍ରେଣୀ ସମ୍ବନ୍ଧୀୟ ଗତାନୁଗତିକ ଧାରଣା (ଖେଳରେ)<br>**ଆଞ୍ଚଳିକ ଖେଳ,ସମରକଳା**<br>● ଆଞ୍ଚଳିକ, ସମର କଳା ଆଞ୍ଚଳିକ /ପାରମ୍ପରିକ ସମରକଳା/ଖେଳ ନମୁନା ଅଭ୍ୟାସ ଧାରା; ଶିକ୍ଷକ; ଆଞ୍ଚଳିକ ଖେଳର ପରିବର୍ତ୍ତନଶୀଳ ଶୈଳୀ ।<br>● ଅବସରର ପରିବର୍ତ୍ତନଶୀଳ ସ୍ୱଭାବ ।<br>**ଗରମ-ଥଣ୍ଡା ପବନ ଛାଡ଼ିବା ନେବା**<br>● ଆମ ଶ୍ୱାସକ୍ରିୟା - ବିଭିନ୍ନ ବେଗ - ନିଶ୍ୱାସ ଓ ପ୍ରଶ୍ୱାସରେ ଶିକ୍ଷାର୍ଥୀ ଛାତିର ସମ୍ପ୍ରସାରଣ ଓ ସଂକୋଚନ । ମୋର ଶ୍ୱାସ ଗରମ ଓ ଆର୍ଦ୍ର ‘ଙ୍କିବା ଦ୍ୱାରା ଥଣ୍ଡା କରିବା ଓ ନିଆଁ ଜଳିବାରେ ସାହାଯ୍ୟ କରିବା କିପରି ହୁଏ ବୁଝିବା ।<br>**ପରିଷ୍କାର ଓ ଅପରିଷ୍କାର କାମ**<br>● ପରିଶ୍ରମର ମହତ୍ତ୍ୱ<br>● ଏପରି ଅତ୍ୟାବଶ୍ୟକ ସେବା ଉପରେ ସମାଜର ନିର୍ଭରଶୀଳତା<br>● ସାମାଜିକ ମୂଲ୍ୟ ବୋଧ ଆଧାରରେ କାର୍ଯ୍ୟର ନିର୍ବାଚନ |

ଉପରେ ସୂଚୀତ ହୋଇଥିବା ମତେ NCERT ପାଠ୍ୟଖସଡ଼ା ଏକ ନିର୍ଦ୍ଧାରିତ ରୂପ ପରିବର୍ତ୍ତେ ଏକ

ଟିପ୍ପଣୀ

ପ୍ରସ୍ତାବିତ ରୂପ ହିଁ ଅଟେ । ଏହା ବିଭିନ୍ନ ବିଷୟ, ଉପବିଷୟ ଓ ସେମାନଙ୍କ ସମ୍ବନ୍ଧକୁ ଦର୍ଶାଏ । ସଚେତନ ଭାବରେ ଏହା ମୂଳ ଧାରଣା ପରିବର୍ତ୍ତେ ମୌଳିକ ପ୍ରଶ୍ନ ଗୁଡ଼ିକଠୁ ଆରମ୍ଭ ହୋଇଛି ଯାହା ଶିକ୍ଷାର୍ଥୀର ଚିନ୍ତନକୁ ଉଜ୍ଜିବିତ କରିବ ତଥା ତା'ର ଶିକ୍ଷଣ ପାଇଁ ଏକ ମଞ୍ଚ (ଆଧାର) ଯୋଗାଇବ । (NCERT ପାଠ୍ୟଖସଡ଼ା P91)

ବିଷୟ ମାନଙ୍କୁ ସମନ୍ୱିତ କରିବା ବା ଏକ ନୂତନ ଅବବୋଧ ସୃଷ୍ଟି କରିବା

ଆମେ ସାଧାରଣ ବିଜ୍ଞାନ ଓ ସାମାଜିକ ବିଜ୍ଞାନ କହିଲେ କ'ଣ ବୁଝେ ? ବିଦ୍ୟାଳୟରେ ଏହି ବିଷୟ ଗୁଡ଼ିକ ସମ୍ବନ୍ଧରେ ଚିନ୍ତା କଲାବେଳେ ପ୍ରତ୍ୟେକ ସହ ସମ୍ପୃକ୍ତ ଜ୍ଞାନ ଓ ସେଇ ଜ୍ଞାନ ଆହରଣର ଆଦର୍ଶ ଉପାୟ ହିଁ ଆମ ମନରେ ଥାଏ ।

ଏହି ବିଦ୍ୟାଳୟ ବିଷୟ ଗୁଡ଼ିକ ନିଜର ଏକ ଜଟିଳ ପ୍ରକ୍ରିୟାରୁ ବିକଶିତ ହୋଇଛନ୍ତି । ଆଜି ଯେପରି ସାଧାରଣ ବିଜ୍ଞାନ ବା ସାମାଜିକ ବିଜ୍ଞାନକୁ ବିଶେଷ ଜ୍ଞାନର ବିଭାଗ ରୂପେ ବିବେଚନା କରାଯାଉଛି - ଯେପରିକି ପଦାର୍ଥ ବିଜ୍ଞାନ, ରାସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଆଣବିକ ଜୀବ ବିଜ୍ଞାନ, ଇତିହାସ, ସମାଜ ବିଜ୍ଞାନ, ଭୂଗୋଳ, ଅର୍ଥନୀତି, ରାଜନୀତି ବିଜ୍ଞାନ ଇତ୍ୟାଦି ତାଠୁ ସେଗୁଡ଼ିକ ସମ୍ପୂର୍ଣ୍ଣ ଭିନ୍ନ ଅଟନ୍ତି । ତେଣୁ ପ୍ରାଥମିକ ସ୍ତରରେ କ'ଣ ପଢ଼ା ହେବ ଆଲୋଚନା ପାଇଁ ଯେତେବେଳେ ଦଳେ ବିଶେଷଜ୍ଞ ଏକାଠି ହୁଅନ୍ତି କ'ଣ ହୁଏ ? ସ୍ୱାଭାବିକ ଭାବରେ ସେମାନେ ନିଜନିଜ ବିଭାଗର ଆଧାର ରୂପେ ଥିବା ପ୍ରସଙ୍ଗ ଗୁଡ଼ିକ ସମ୍ବନ୍ଧରେ ହିଁ ଚିନ୍ତା କରନ୍ତି । ସେ ଦୃଷ୍ଟିରୁ ଜୀବ ବିଜ୍ଞାନୀମାନେ (ଉଦ୍ଭିଦ ଓ ପ୍ରାଣୀ ବିଜ୍ଞାନକୁ କିଛି ଏକତ୍ରିତ କରି ଦେଖିଲେ) ସ୍ୱାଭାବିକ ରୂପେ ଉଦ୍ଭିଦ, ପ୍ରାଣୀ ଓ ମାନବ ଶରୀର ଅଧ୍ୟୟନର ପ୍ରସ୍ତାବ କଲାବେଳେ ପଦାର୍ଥ ବିଜ୍ଞାନ ଧ୍ୱନି, ଆଲୋକ, ବଳ ଓ କାର୍ଯ୍ୟ, ରସାୟନ ବିଜ୍ଞାନ ମାନେ ବସ୍ତୁର ରୂପ, ପଦାର୍ଥର ଗୁଣ ଇତ୍ୟାଦିର ପ୍ରସ୍ତାବ କରନ୍ତି । ଏହା ସମୁହ ସାମାଜିକ ବିଜ୍ଞାନର ବିଭିନ୍ନ ବିଭାଗର ପ୍ରସଙ୍ଗ ଗୁଡ଼ିକ ଯୋଡ଼ିଦେଲେ ଆମେ ପ୍ରସଙ୍ଗ ମାନଙ୍କର ଏପରି ଏକ ଦୀର୍ଘ ତାଲିକାରେ ପହଞ୍ଚିବା ଯେଉଁ ଗୁଡ଼ିକର ସମନ୍ୱୟ ସମ୍ଭବ ନୁହଁ ଓ ଶିକ୍ଷାର୍ଥୀ ନିଜ ଦୁନିଆକୁ ଯେପରି ବୁଝିଥାଏ ତାହା ମଧ୍ୟ ସମ୍ଭବ ହୁଏ ନାହିଁ ।

ସମନ୍ୱୟ ଆଧାରିତ ଅଧିକାଂଶ ପ୍ରାଥମିକ ସ୍ତର ପାଠ୍ୟକ୍ରମ ତେଣୁ ବିଭିନ୍ନ ବିଷୟର ପ୍ରସଙ୍ଗ ତାଲିକା ପରିବର୍ତ୍ତେ ବିଷୟ ମାନଙ୍କ ପ୍ରସ୍ତାବ କରନ୍ତି ଯାହା ଏକ ସଂଯୁକ୍ତ ଓ ପରସ୍ପର ସମ୍ବନ୍ଧିତ ଅବୋଧର ବିକାଶ କରେ । ଗତାନୁଗତିକ ବିଭାଗର ସୀମାରୁ ବାହାରି ସମ୍ବନ୍ଧିତ ପ୍ରାଥମିକ ତା ଉପରେ ଏଥିପାଇଁ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ସାମ୍ପ୍ରତିକ ପାଠ୍ୟଖସଡ଼ାରେ ଏଇ ଦୃଷ୍ଟିଭଙ୍ଗିର ଅନୁସରଣ ହୋଇଛି । ବିଭିନ୍ନ ବିଭାଗର ଅନ୍ତର୍ନିହିତ ଭାବକୁ ସମନ୍ୱିତ କରି ଶିକ୍ଷାର୍ଥୀ କୈନ୍ଦ୍ରିକ କରିବା ପାଇଁ ବିଭିନ୍ନ ବିଷୟର ପ୍ରସ୍ତାବ ସେଥିପାଇଁ କରାଯାଇଛି । ପ୍ରାଥମିକ ସ୍ତର ଅବଧି ମଧ୍ୟରେ ବିଭିନ୍ନ ଧାରଣା ଓ କୌଶଳର ବିକାଶ ପାଇଁ ପ୍ରତ୍ୟେକ ବିଷୟ ଅନ୍ତର୍ଭୁକ୍ତ ସମନ୍ୱିତ ଭାବକୁ ଦୃଷ୍ଟି ଦିଆଯାଇଛି । ବିଜ୍ଞାନ, ସାମାଜିକ ବିଜ୍ଞାନ, ଶିକ୍ଷାଶାସ୍ତ୍ର, ଲିଙ୍ଗଗତ ଅଧ୍ୟୟନ, ଶିଶୁର ବିକାଶ, ଓ ପାଠ୍ୟକ୍ରମ ବିଚାର ଇତ୍ୟାଦି ବିଭାଗର ବିଶେଷଜ୍ଞ ପ୍ରସ୍ତାବିତ ବିଷୟ ସମୂହ, ସେମାନଙ୍କ ମଧ୍ୟରେ ଥିବା ଫାଙ୍କ ଉପରେ ଆଲୋଚନା କରି ଏକ ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥା ପାଇଁ ପ୍ରାଥମିକତା ଗୁଡ଼ିକ ସ୍ଥିର କରିଛନ୍ତି । ଏହା ସ୍ପଷ୍ଟ ଯେ ଏଥିପାଇଁ ଏକ ନିର୍ଦ୍ଦିଷ୍ଟ ଢ଼ାଞ୍ଚା ନାହିଁ ଓ ପ୍ରାଥମିକ ସ୍ତର ପାଇଁ ଉଦ୍ଦିଷ୍ଟ ପାଠ୍ୟଖସଡ଼ା ମଧ୍ୟ ସେପରି ଦାବି କରେ ନାହିଁ ।

ଏହା ଏକ ନିର୍ଦ୍ଧାରିତ ଢ଼ାଞ୍ଚା ପରିବର୍ତ୍ତେ ଏକ ପ୍ରସ୍ତାବ ହିଁ ଅଟେ ଯାହା ମୂଳ ବିଷୟ ଓ ଉପ ବିଷୟ ଓ ସେମାନଙ୍କ ମୂଳ ପ୍ରସଙ୍ଗ ପରିବର୍ତ୍ତେ ମୌଳିକ ପ୍ରଶ୍ନରୁ ଆରମ୍ଭ କରେ ଯାହା ଶିକ୍ଷାର୍ଥୀଙ୍କୁ ନୂଆ ଦିଗରେ ଚିନ୍ତା କରିବା ପାଇଁ ଓ ତାର ଶିକ୍ଷଣ ପ୍ରକ୍ରିୟା ପାଇଁ ଏକ ଭିତ୍ତିଭୂମି ଯୋଗାଏ । ଶିକ୍ଷାର୍ଥୀର ଅନ୍ତର୍ନିହିତ ବୋଧ ଶକ୍ତିର ଉପଯୁକ୍ତ ବିବେଚନା ପାଇଁ ଏହି ଦୃଷ୍ଟିକୋଣ ପାଠ୍ୟପୁସ୍ତକ ପ୍ରଣେତା, ଶିକ୍ଷକ ଓ ଅଭିଭାବକ ମାନଙ୍କୁ ସାହାଯ୍ୟ କରିଥାଏ । ବୟସ୍କ ମାନେ କିପରି ଶିକ୍ଷାର୍ଥୀଙ୍କୁ ଶିକ୍ଷଣ ପାଇଁ ପ୍ରେରିତ କରିବେ ଓ ସକ୍ରିୟ ସହାୟତା ଦେବେ ଏହା ମଧ୍ୟ ଏଥିରେ ସୂଚୀତ । ଏହାଦ୍ୱାରା ଶିକ୍ଷାର୍ଥୀ ମୋଟେ ବୁଝିପାରୁନଥିବା ତଥ୍ୟକୁ ଘୋଷି ମନେ ରଖିବାକୁ ନିରୁତ୍ସାହିତ ମଧ କରାଯାଏ । ନିମ୍ନସ୍ଥ ସାରଣୀ ପରିବେଶ ଅଧ୍ୟୟନର ଉଦ୍ଦେଶ୍ୟ ଏହାର ବିଷୟବସ୍ତୁ ଓ ତାର ପରିଚାଳନା ମଧରେ ଥିବା ସମ୍ବନ୍ଧକୁ ଦର୍ଶାଏ –

ବିଷୟ – ବାସ ସ୍ଥାନ (ଆଶ୍ରୟ) ପରିବେଶ ଅଧ୍ୟୟନ III (ପରିବେଶ ଅଧ୍ୟୟନ : NCERT, www.ncert.nic.in.pdf )

| ବ୍ୟାପକ ଉଦ୍ଦେଶ୍ୟ | ବିଷୟ | ଉପଯୁକ୍ତ ପ୍ରଶ୍ନ | ମୁଖ୍ୟ ଧାରଣା | ପ୍ରସ୍ତାବିତ ସମ୍ବଳ ସମୂହ | ପ୍ରସ୍ତାବିତ ଶିକ୍ଷଣ କାର୍ଯ୍ୟ |
|---|---|---|---|---|---|
| ପ୍ରାକୃତିକ, ସାମାଜିକ ଓ ସାଂସ୍କୃତିକ ପରିବେଶ ମଧ୍ଯରେ ଥିବା ସମ୍ବନ୍ଧକୁ ଚିହ୍ନଟ କରିବା ଓ ବୁଝିବାରେ ଶିକ୍ଷାର୍ଥୀଙ୍କ ପ୍ରଶିକ୍ଷିତ କରିବା | ବାସସ୍ଥାନ (ଆଶ୍ରୟ) | ମୋ ପାଖାପାଖି ଅଂଚଳର ମାନଚିତ୍ର ପ୍ରସ୍ତୁତି –ତୁମ ବିଦ୍ୟାଳୟ କେତେ ବଡ ? ଏହା କେଉଁ ପ୍ରକାର କୋଠା ଅଟେ । ନିଜ ବିଦ୍ୟାଳୟ ଓ ଶ୍ରେଣୀର ମାନଚିତ୍ର କର । ତୁମ ଅଂଚଳର ରାସ୍ତା ସବୁ ଜାଣ କି ? ତୁମ ଘରୁ ଡାକଘର ବା ବସଷ୍ଟାଣ୍ଡକୁ ଯିବା ରାସ୍ତା ଜଣକୁ ବୁଝାଅ । | ନିଜ ଆଖପାଖ ଅଂଚଳର ମାନଚିତ୍ର ଅଙ୍କନ ଓ ଦୁଇଟି ମାତ୍ର ଓ ଦିଗରେ ଦର୍ଶାଇବା | ବିଦ୍ୟାଳୟ ଓ ସଂଲଗ୍ନ ଅଂଚଳର ସର୍ବେକ୍ଷଣ, ଆଖପାଖ ଅଂଚଳର ସର୍ବେକ୍ଷଣ | ଦୂରତ୍ୱ ଆକଳନ କରିବା, ବିଭିନ୍ନ ସ୍ଥାନ ଚିହ୍ନଟ କରିବା, ଚିତ୍ର/ ମାନଚିତ୍ର ଅଙ୍କନ କରି ବିଭିନ୍ନ ଦିଗ ଦର୍ଶାଇବା, ତୁମଘରୁ ନିକଟତମ ଦୋକାନକୁ ରାସ୍ତାର ମାନଙ୍କ ଅଙ୍କନ କରିବା |



ଟିପ୍ପଣୀ

**ନିଜ ଅଗ୍ରଗତିର ଆକଳନ ୧**

କ) NCF 2005 ଅନୁଯାୟୀ ସୂଚୀତ ପରିବେଶ ଅଧ୍ୟୟନର ଉଦ୍ଦେଶ୍ୟ ଗୁଡିକ ଶୂନ୍ୟସ୍ଥାନ ପୂରଣ କରି ସମ୍ପୂର୍ଣ୍ଣ କର ।

୧. ପ୍ରାକୃତିକ, ସାମାଜିକ ଓ ସାଂସ୍କୃତିକ ପରିବେଶ ମଧ୍ୟରେ ଥିବା...................... ଚିହ୍ନଟ କରିବା ଓ ବୁଝିବା ପାଇଁ ଶିକ୍ଷାର୍ଥୀଙ୍କ ପ୍ରଶିକ୍ଷିତ କରିବା ।(ସମ୍ବନ୍ଧ,ପାରସ୍ପରିକ ସମ୍ପୃକ୍ତି, ସମ୍ମେଳନ)

୨. ବ୍ୟକ୍ତି ଓ ବୃତ୍ତିଧାରୀ ସମେତ ପ୍ରାକୃତିକ ପରିବେଶ ପରିପ୍ରେକ୍ଷୀ ରେ ଶିକ୍ଷାର୍ଥୀ ମଧ୍ୟରେ ------ ଓ------ର ପ୍ରତିପାଳନ କରିବା ।(ଅନୁସନ୍ଧିତ୍ସା, ଆଗ୍ରହ, ବିତୃଷ୍ଣା, ସୃଜନଶୀଳତା, ବୃଦ୍ଧି, ସାମର୍ଥ୍ୟ)

୩. ପରିବେଶ ଜନିତ ଧାରଣା ପାଇଁ ଏକ---------ର ବିକାଶ କରିବା (ସଚେତନତା, ସତର୍କତା, ମନଯୋଗ(ଧ୍ୟାନ) ।

୪. ପର୍ଯ୍ୟବେକ୍ଷଣ, ବର୍ଗୀକରଣ ଓ ସିଦ୍ଧାନ୍ତ ଗ୍ରହଣ ଜରିଆରେ ଜ୍ଞାନାତ୍ମକ ଓ ମନଃକ୍ରିୟାତ୍ମକ ମୌଳିକ କୌଶଳ ଗୁଡିକ ଶିକ୍ଷାର୍ଥୀ ଆହରଣ କରିବା ପାଇଁ ତାକୁ ଅନୁସନ୍ଧାନ(ଖୋଜିବା) ଓ ------ ଆଧାରିତ କାର୍ଯ୍ୟରେ ନିୟୋଜିତ କରିବା ।(ହାତ ପାଆନ୍ତାର କାମ,ଦୈନନ୍ଦିନ କାମ,ସମ୍ମୁଖସ୍ଥ କାମ)

**ପଢ ଓ ଚିନ୍ତା କର -**

- ବିଷୟର ଅର୍ଥ କଣ ? ପ୍ରସଙ୍ଗଠୁ ଏହା କିପରି ଅଲଗା ?
- କାର୍ଯ୍ୟ ଓ ଶୈଳୀକୁ ପରିବାର ଓ ସାଙ୍ଗସାଥିରେ ବିଷୟର ଏକ ଉପବିଷୟ ରୂପେ କାହିଁକି ଭାବ ?
- ଶ୍ରମର ମହତ୍ତ୍ୱ ଓ ଶିଶୁଶ୍ରମିକ ପରିଧାରଣାକୁ କାହିଁକି କାର୍ଯ୍ୟ ଓ ଖେଳର ଉପବିଷୟ ରୂପେ ଅନ୍ତର୍ଭୁକ୍ତ କରାଯାଇଛି ?

## ୪.୩ ପାଠ୍ୟ ଖସଡା ରୁ ପାଠ୍ୟ ପୁସ୍ତକ ପର୍ଯ୍ୟନ୍ତ

ଜା.ପା.ଆ. ୨୦୦୫ ର ଦର୍ଶନ ପନ୍ଥା ତଥା NCERT ପାଠ୍ୟଖସଡା ୨୦୦୫ ରେ ପ୍ରଦତ୍ତ ଢାଞ୍ଚା ଶୈଳୀ ଆଧାରରେ ତୃତୀୟ, ଚତୁର୍ଥୀ ଓ ପଞ୍ଚମ ଶ୍ରେଣୀର ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକ ପ୍ରସ୍ତୁତ ହୋଇଛି । ପ୍ରଚଳିତ ଧାରା ଅନୁସାରେ ଶିକ୍ଷାର୍ଥୀଙ୍କ ପାଖରେ ପହଞ୍ଚିବା ପାଇଁ ଏହି ପାଠ୍ୟପୁସ୍ତକରେ କେତେକ ତଥ୍ୟ ଉପସ୍ଥାପନା ହୋଇଛି । ଶିକ୍ଷାଦାନର ଯୋଜନା ଓ ସଂରଚନା ପାଇଁ ପାଠ୍ୟ ପୁସ୍ତକ ଶିକ୍ଷକମାନଙ୍କ ପାଇଁ ଏକ ସାଧନ ଅଟେ । ଶିକ୍ଷକ ପାଠଯୋଜନା କରି ପାଠର ପରିଚାଳନା କରନ୍ତି ।

**ତୁମେ ଏହା ସହ ସହମତ କି ?**

**ବିଭିନ୍ନ ବିଷୟ ଶିକ୍ଷାଦାନରେ ତୁମେ ଏହି ପ୍ରକ୍ରିୟା ଅବଲମ୍ବନ କର କି ?**

ପାରମ୍ପରିକ ଭାବରେ ଏହା ହିଁ ପାଠ୍ୟ ପୁସ୍ତକ ଓ ଶିକ୍ଷକ ଙ୍କ ଭୂମିକା ହୋଇଥିବା ବେଳେ ଜା.ପା.ଆ ୨୦୦୫ ରେ ଶିକ୍ଷାର୍ଥୀ ଯେପରି ନୂତନ ଧାରଣା ସହ ନିଜ ପାଖରେ ଥିବା ଧାରାଣାକୁ ସଂଯୁକ୍ତ କରି ନିଜ ପାଇଁ ଜ୍ଞାନର ନିର୍ମାଣ କରିବେ ତା ଉପରେ ଗୁରୁତ୍ୱ ଦିଆଯାଇଛି । ଏହା ସେମାନେ ବିଭିନ୍ନ ସାମଗ୍ରୀ, ଶିକ୍ଷଣକାର୍ଯ୍ୟ ଓ ଅନୁଭୂତି ଆଧାରରେ କରିବେ । ଏହି ପରିପ୍ରେକ୍ଷୀରେ ପାଠ୍ୟପୁସ୍ତକକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସାଧନ ରୂପେ ନ ଦେଇ, ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ଆରମ୍ଭ ଜ୍ଞାନର ନିର୍ମାଣ ପାଇଁ

ସମ୍ବଳର ଏକ ଉତ୍ସ ରୂପେ ବିବେଚନା କରାଯାଏ । ବିଜ୍ଞାନ ଓ ସାମାଜିକ ବିଜ୍ଞାନ ରୂପେ ବିଷୟମାନଙ୍କୁ ବିଭକ୍ତ (ଭାଗ) ନ କରି ପରିବେଶକୁ ସାମଗ୍ରୀକ ରୂପେ ଦେଖି ବିଷୟ ବସ୍ତୁର ସଂଗଠନ ଓ ଉପସ୍ଥାପନ କରିବା ପରି ଆହ୍ୱାନ ପାଠ୍ୟ ପୁସ୍ତକ ପ୍ରସ୍ତୁତିରେ ଅଛି ।

ପ୍ରତ୍ୟେକ ପିଲା ଯେପରି ନିଜ ଚାରିପାଖର ଦୁନିଆକୁ ଖୋଜି ଆବିଷ୍କାର କରିବ ସେଥିପାଇଁ ଏକ ବିଷୟର ବିଭିନ୍ନ ଦିଗ ମଧ୍ୟରେ ସମନ୍ୱୟ ସ୍ଥାପନ ପାଇଁ ଉଦ୍ୟମ ହୋଇଛି ।

**ପରିବେଶ ଅଧ୍ୟୟନ ପାଇଁ ଉଦ୍ଦିଷ୍ଟ ନୂଆ ପାଠ୍ୟପୁସ୍ତକ (ଜା.ପା.ଆ.୨୦୦୫ ଆଧାରିତ) ତୁମେ ବ୍ୟବହାର କରିଛ କି ?**

**ଏହି ପାଠ୍ୟପୁସ୍ତକ ଗୁଡ଼ିକ କିପରି ପୃଥକ୍(ଅଲଗା) ଅଟନ୍ତି ?**

ନିମ୍ନରେ ସୂଚୀତ ବିଭାଗରେ ଯେଉଁ ଅବବୋଧ ଭିତ୍ତିରେ ପାଠ୍ୟପୁସ୍ତକର ବିଷୟ ବସ୍ତୁ ଓ ଶୈଳୀ ତାହା ସୂଚୀତ ହୋଇଛି । ଏହାସହ ଶିକ୍ଷଣରେ ସହାୟକ ରୂପେ ତୁମର ନୂଆ ଭୂମିକାରେ ପାଠ୍ୟ ପୁସ୍ତକର ସର୍ବୋତ୍ତମ ବ୍ୟବହାର କିପରି କରିବ ସେ ପରାମର୍ଶ ଅଛି ।

## ୪.୪ ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକ

ପାଠ୍ୟପୁସ୍ତକର ବିଷୟ ବସ୍ତୁ ଚୟନ ଓ ସଙ୍ଗଠନ ବିଷୟ ମାନଙ୍କ ସଂଯୋଜନା, ଅନ୍ତର୍ନିହିତ ପଦ୍ଧତି - ଏ ସମସ୍ତର ସାମଗ୍ରୀକ ରୂପେ ଶିକ୍ଷାର୍ଥୀକୁ ସକ୍ରିୟ ଭାବରେ ଚତୁପାର୍ଶ୍ୱର ଅନୁଧ୍ୟାନ, ଅନୁସନ୍ଧାନ ଓ ଆବିଷ୍କାର କରିବା ପାଇଁ ଅବସର ସୃଷ୍ଟି କରେ ।
ଏହି ବିଭାଗରେ ପାଠ୍ୟପୁସ୍ତକର ଶୈଳୀ ଓ ସଂରଚନାର ମୁଖ୍ୟ ଲକ୍ଷଣ ଗୁଡ଼ିକର ଆଲୋଚନା ହୋଇଛି ।

୪.୪.୧ ଶିରୋନାମା - ତୃତୀୟ, ଚତୁର୍ଥ ଓ ପଞ୍ଚମ ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକର ନାମ 'ଚତୁଃପାର୍ଶ୍ୱକୁ ଦେଖିବା' ରହିଛି (Looking around) ।

ଏହି ଶିରୋନାମାରୁ କେଉଁ ଅର୍ଥ ପ୍ରକାଶିତ ହୋଇଛି ?

ଜା.ପା.ଆ.୨୦୦୫ରେ ସୂଚୀତ ପରିବେଶ ଶିକ୍ଷାର ଉଦ୍ଦେଶ୍ୟ ଓ ଅନ୍ତର୍ନିହିତ ସ୍ତରକୁ ଏହି ଶିରୋନାମା କିପରି ପ୍ରତିଫଳିତ କରୁଛି ?

ଚତୁପାର୍ଶ୍ୱକୁ ଦେଖିବା ଶିରୋନାମା ପରିବେଶ ସମ୍ବନ୍ଧରେ ଶିକ୍ଷାଦାନ ଓ ଶିକ୍ଷଣ ସମ୍ବନ୍ଧିତ ଦୃଷ୍ଟିକୋଣକୁ ସୂଚାଏ । ଏଥିରେ ଧରିନିଆଯାଏ ଯେ ପରିବେଷ୍ଟନୀ ହିଁ ଯଥେଷ୍ଟ ପର୍ଯ୍ୟବେକ୍ଷଣ, ପରୀକ୍ଷଣ କରି ସମ୍ବଳ ସ୍ଥାପନର ସୁଯୋଗ ଦିଏ । ଆମର ନିଜ ଚାରିପାଖର ଦୁନିଆ ସହ କ୍ରିୟାପ୍ରତିକ୍ରିୟା ମାଧ୍ୟମରେ ଶିକ୍ଷଣ ଉପରେ ଏଠି ଗୁରୁତ୍ୱ ଦିଆଯାଏ । ନିଜ ଚତୁଃପାର୍ଶକୁ ଅନୁଧ୍ୟାନ, ଅନୁସନ୍ଧାନ ଓ ଆବିଷ୍କାର କରିବାକୁ ଶିକ୍ଷାର୍ଥୀକୁ ସକ୍ରିୟ କରିବା ପାଇଁ ଏହା ନିମନ୍ତ୍ରଣ କରିଥାଏ ।

**ଶ୍ରେଣୀ ପ୍ରକୋଷ୍ଠ**

ତୁମେ ବର୍ଷ ଆରମ୍ଭରୁ କିଛି ସମୟ ପାଠ୍ୟପୁସ୍ତକର ଶିରୋନାମା ଉପରେ ଆଲୋଚନା କରିପାର । ଏହା ପରିବେଶ ସମ୍ବନ୍ଧରେ ଏକ ଉତ୍ତମ ପ୍ରାଥମିକ ଧାରଣା ଦେବା ସହ (ଯେପରି ଏକକ ୧ରେ ଆଲୋଚିତ) ଆମେ କିପରି ନିଜ ପରିବେଷ୍ଟନିରୁ ପରିବେଶ ସମ୍ବନ୍ଧରେ ଶିଖିଥାଉ ଦର୍ଶାଇଥାଏ ।

ଟିପ୍ପଣୀ

### ୪.୪.୨ ବିଷୟ ବସ୍ତୁର ଚୟନ ଓ ସଙ୍ଗଠନ

ଯେମିତି ବହିର ଶିରୋନାମା ବିଷୟ ଆଧାରିତ ଧାରାଠୁ ଆଗକୁ ଯାଇଛି ସେହିପରି ବିଷୟ ବସ୍ତୁର ସଙ୍ଗଠନ ମଧ୍ୟ ପାରମ୍ପରିକ ପ୍ରସଙ୍ଗ ସବୁଠାରୁ ଭିନ୍ନ ହୋଇଛି ।

ତୃତୀୟରୁ ପଞ୍ଚମ ପର୍ଯ୍ୟନ୍ତ ପାଠ୍ୟଖସଡ଼ା ଛଅଗୋଟି ପରସ୍ପର ସମ୍ବନ୍ଧିତ ବିଷୟକୁ କେନ୍ଦ୍ରକରି ସଂଗଠିତ ହୋଇଛି । ଏହି ବିଷୟ ଗୁଡ଼ିକ ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ପରିବେଶ ଶିକ୍ଷାର ପ୍ରାଥମିକ ଧାରଣା ଦେବା ଅବସର ଯୋଗାଇ ଥାଆନ୍ତି । ତୁମେ ଜାଣିଥିବା ମୁତାବକ ୬ଟି ବିଷୟ ହେଲା -

୧. ପରିସର ଓ ସାଙ୍ଗସାଥି - ସମ୍ପର୍କ, କାର୍ଯ୍ୟ ଓ ଖେଳ, ପ୍ରାଣୀ ଓ ଉଦ୍ଭିଦ ।

୨. ଖାଦ୍ୟ, ୩. ବାସସ୍ଥାନ(ଆଶ୍ରୟ), ୪. ଜଳ, ୫. ଯାତ୍ରା(ଗମନାଗମନ)

୬. ଆମେ ଗଢୁଥିବା ବସ୍ତୁ ଓ କାର୍ଯ୍ୟ ।

ପ୍ରତ୍ୟେକ ବିଷୟର କେତୋଟି ଉପବିଷୟ ଅଟନ୍ତି ଯାହା ପାଠ୍ୟଖସଡ଼ାରେ ଥିବା ବିଷୟର ବିଭିନ୍ନ ପାର୍ଶ୍ୱକୁ ଦର୍ଶାନ୍ତି । ସମନ୍ୱିତ ରୂପରେ ଏଗୁଡ଼ିକ, ଏକ ବୃତ୍ତିୟ ତଥା ଅଗ୍ରଗାମୀ ରୂପରେ ସଙ୍ଗଠିତ ହୋଇଛନ୍ତି । ବହିର ବିଷୟବସ୍ତୁ ଦ୍ୱାରା ସଙ୍ଗଠିତ ନହେବା ପରି ଉପବିଷୟ ସହ ସମ୍ପୃକ୍ତ ପାଠଗୁଡ଼ିକ ଏକ ଏକକ ରୂପରେ ନାହାଁନ୍ତି । ପ୍ରକାରାନ୍ତରେ ବିଭିନ୍ନ ବିଷୟ ସହ ସମ୍ପୃକ୍ତ ପାଠ ଗୁଡ଼ିକ ଗୋଟିଏ ପରେ ଗୋଟିଏ ଢ଼ଙ୍ଗରେ ଅଛନ୍ତି ।

**ତୁମେ ପାଠ୍ୟପୁସ୍ତକର ବ୍ୟବହାର କରିସାରିଛି କି ?**

**ପାଠ ମାନଙ୍କ କ୍ରମକୁ ତୁମେ କିପରି ସଙ୍ଗଠିତ କରିଛ ?**

**ବିଷୟ ଭିତ୍ତିକ ଏକକ ରୂପେ ? ବହିରେ ଦିଆଯାଇଥିବା ମୁତାବକ ? ଅନ୍ୟ କୌଣସି ଉପାୟରେ ?**

### ଜଣେ ଶିକ୍ଷକ ରୂପେ

ଜଣେ ଶିକ୍ଷକ ରୂପେ ବିଷୟର ବିଷୟବସ୍ତୁ ଭିତ୍ତିକ ସଙ୍ଗଠନ ବିଷୟ ଓ ପ୍ରସଙ୍ଗ ମଧ୍ୟଦେଇ ସଜ୍ଜକରଣକୁ ସୂଚାଏ । ଉପଯୁକ୍ତ ମନେକଲେ ତୁମେ ଏକ ବିଷୟ ଅନ୍ତର୍ଭୁକ୍ତ ସମସ୍ତ ପାଠର ପରିଚାଳନା ଏକ ଏକକ ରୂପେ କରିପାର । ଅନ୍ୟ ପକ୍ଷରେ ପାଠ କହିଲେ ଥିବା ପାଠ କ୍ରମାନୁସାରେ ତୁମେ ଅଗ୍ରସର ହୋଇପାର । ଶିକ୍ଷାର୍ଥୀମାନେ ବିଭିନ୍ନ ପାଠ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରିବା, ଗୋଟିଏ ପାଇଁ ଅନ୍ୟଟିର ସହାୟତା ନେବା ଓ କେବଳ ଏହି ଶ୍ରେଣୀର ବହି ନୁହେଁ ପୂର୍ବ ବର୍ଷର ବହି ସହ ସମ୍ବନ୍ଧିତ କରିବା ପାଇଁ ଅବସର ପ୍ରଦାନ କରିବା ଗୁରୁତ୍ୱପୂର୍ଣ୍ଣ ।

ତୁମେ ଯେକୌଣସି ଉପାୟରେ କର ନାଁ କାହିଁକି ପାଠ-ପାଠ ମଧ୍ୟରେ ସମ୍ପର୍କ ସ୍ଥାପନ ଜରିଆରେ ଶିକ୍ଷଣର ଏକତ୍ରୀକରଣ କରିବା ହିଁ ଗୁରୁତ୍ୱପୂର୍ଣ୍ଣ ।

### ୪.୪.୩ ସମନ୍ୱୟ

ଆଗରୁ ଆଲୋଚନା ହୋଇଥିବା ମୁତାବକ ପରିବେଶ ଅଧ୍ୟୟନର ବିଷୟ ଗୁଡ଼ିକ ବିଷୟମାନଙ୍କ ମଧ୍ୟରେ, ବିଷୟବସ୍ତୁ ଗୁଡ଼ିକ ଦେଇ, ବିଦ୍ୟାଳୟ ଦୁନିଆ ଓ ଦୈନନ୍ଦିନ ଦୁନିଆ ମଧ୍ୟରେ ଥିବା ସମନ୍ୱୟରେ ହିଁ ସ୍ୱାଭାବିକ ରୂପେ ପହଞ୍ଚିଥାଏ । ବିଷୟଗତ ଭାବର ସମନ୍ୱୟ ଯାହାବିଷୟ ମାନଙ୍କୁ

ସଂଯୁକ୍ତ କରେ ତାହା ସହ ବିଭିନ୍ନ ପନ୍ଥା ଓ ପଦ୍ଧତି, ଆକଳନ(ମୂଲ୍ୟାୟନ) ଓ ମୂଲ୍ୟବୋଧ ମାନଙ୍କ ଭିତରେ ମଧ୍ୟ ଏକ ସମନ୍ୱୟ ନିର୍ମାଣ କରେ । ବିଷୟମାନଙ୍କୁ ଯାନ୍ତ୍ରିକ ରୂପେ ସମ୍ପୂର୍ଣ୍ଣ ଅଲଗା ଅଲଗା ବିଭାଗ ରୂପେ ନଦେଖିବା ଫଳରେ ସେଇ ବିଶ୍ୱାସ ବଳ ପାଏ ଓ ଦୃଢ଼ ହୁଏ ଯେ ଏହା କେବଳ ବିଷୟ ବସ୍ତୁ ନୁହେଁ ବରଂ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା, ଶିକ୍ଷଣ ଫଳାଫଳକୁ ମଧ୍ୟ ପୃଷ୍ଟ କରିଥାଏ । ଏକ ଅଳ୍ପ ବୟସର ପିଲାର ଦୁନିଆ ଜ୍ଞାନର ବିଭାଗ ରୂପରେ ସଙ୍ଗଠିତ ହୋଇନଥାଏ । ବରଂ ନିଜ ଚାରିପାଖର ଦୁନିଆ ସମ୍ବନ୍ଧରେ ଏକ ସାମଗ୍ରୀକ ଅନୁଭୂତି ରୂପରେ ସେ ଏହାକୁ ଅର୍ଥପୂର୍ଣ୍ଣ ରୂପରେ ବୁଝିଥାଏ । ସଂଶୋଧିତ ପାଠ୍ୟକ୍ରମ ଓ ପାଠବହିର ସଙ୍ଗଠନ କେବଳ ପରିବେଶକୁ ବହୁଧାବିଭକ୍ତ ଅଲଗା ଅଲଗା ବିଷୟ (ଯେପରି ବିଜ୍ଞାନ ଓ ସାମାଜିକ ବିଜ୍ଞାନର ବିଭିନ୍ନ ବିଭାଗ) ରୂପେ ନ ଦେଖି ଏହାକୁ ଏକ ସାମଗ୍ରୀକ ଦୃଷ୍ଟିକୋଣରୁ ଦେଖିବାହିଁ ମୁଖ୍ୟ କାର୍ଯ୍ୟ ଥିଲା । ସେ ଦୃଷ୍ଟିରୁ ଜୀବ ବିଜ୍ଞାନର ଉଦ୍ଭିଦ ଓ ପ୍ରାଣୀ ପରିପ୍ରସଙ୍ଗ ଯାହାର ଅଧ୍ୟୟନ ପ୍ରାଣୀ ବିଜ୍ଞାନ ବା ଉଦ୍ଭିଦ ବିଜ୍ଞାନରେ ସାଧାରଣତଃ ହୁଏ ବା ପ୍ରାଥମିକ ସ୍ତରରେ ଯାହା ସଜୀବ ଓ ନିର୍ଜୀବ ରୂପରେ ଥାଏ ତାହା ବିଭିନ୍ନ ଶ୍ରେଣୀ ରୂପରେ ନହୋଇ ପିଲାର ଦୈନନ୍ଦିନ ଅନୁଭୂତି ଓ ପରିବେଷ୍ଟନି ରୂପରେ ଅଛି । ଉଦାହରଣ ସ୍ୱରୂପ ପିଲାକୁ ଚାରିପାଖରେ ଦେଖୁଥିବା ପ୍ରାଣୀ, ପକ୍ଷୀ, ଉଦ୍ଭିଦର ତାଲିକା କରିବା ପାଇଁ ଦେଲେ ଏ ପ୍ରତ୍ୟେକ ଏକ ବୃହତ୍ତର ଚିତ୍ରପଟର ଅଂଶ ରୂପେ ଏକ ସମନ୍ୱିତ ବୋଧ ସୃଷ୍ଟି କରେ । ଶିକ୍ଷକ ଓ ଶିକ୍ଷାର୍ଥୀ ପାଇଁ ପାଠ୍ୟ ପୁସ୍ତକ ଏକ ମାଧ୍ୟମ ଯାହା ପର୍ଯ୍ୟବେକ୍ଷଣ ଜରିଆରେ ଏକ ସମ୍ବନ୍ଧିତ ଅବବୋଧ ଗଠନରେ ସାହାଯ୍ୟ କରେ ।

ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକର ଆଉ ଏକ ବୈଶିଷ୍ଟ୍ୟ ହେଲା - ଏଥିରେ ସାମାଜିକ ବିଚାର ଗୁଡ଼ିକ ବିଶୁଦ୍ଧ ବିଜ୍ଞାନର ପ୍ରସଙ୍ଗ ମାନଙ୍କ ସହ ଓ ଆମ ଜୀବନର ବହିଃମାତ୍ରିକ (ବହିଃପାର୍ଶିକ) ତଥା ବିବିଧତାରେ ପୂର୍ଣ୍ଣ ବାସ୍ତବତା ସହ ଅବିଚ୍ଛେଦ୍ୟ ରୂପେ ସମନ୍ୱିତ ହୋଇଥାନ୍ତି । ଭୌଗଳିକ ଓ ସାଂସ୍କୃତିକ ଦୃଷ୍ଟିରୁ ଭାରତବର୍ଷ ପରି ବିଶାଳ ଓ ବିବିଧତାପୂର୍ଣ୍ଣ ଦେଶରେ ଆମେ କେବଳ ଆମ ପରିଚିତ ଆମ ପରିବେଶ (ଏଠୁ ଆରମ୍ଭ କରାଯାଇପାରେ) ର ଅଧ୍ୟୟନ ନକରି ଏହା ସହ ଅନ୍ୟ ପ୍ରାନ୍ତର ଲୋକ କିପରି ବଞ୍ଚନ୍ତି, ଏ ବିବିଧତା (ପାର୍ଥକ୍ୟ) କାହିଁକି ଅଛି, ଏତେ ବିବିଧତା ସତ୍ତ୍ୱେ କେଉଁ ସବୁ ସାମଞ୍ଜସ୍ୟ (ସମାନତା/ଐକ୍ୟ) ଅଛି ଏସବୁର ଅଧ୍ୟୟନ ମଧ୍ୟ କରିବା ଆବଶ୍ୟକ । ପରିବାର ଓ ସାଙ୍ଗସାଥୀ (ସମ୍ପର୍କ), ଖାଦ୍ୟ, ବାସସ୍ଥାନ, ଜଳ, ଯାତ୍ରା, ଆମେ କରୁଥିବା କାର୍ଯ୍ୟ ପରି ବିଷୟ ଗୁଡ଼ିକ ବିବିଧତା ସହ ଆମକୁ ପରିଚିତ କରିବା ସହ ଏହାକୁ ବୁଝିବାରେ ସାହାଯ୍ୟ କରେ । ଏ ଦୃଷ୍ଟିରୁ ବହିଟି ଐକ୍ୟ ସ୍ଥାପନ ଦିଗରେ ଉଦ୍ଦିଷ୍ଟ । ଆମ ଚାରିପାଖର ଦୁନିଆରେ ଥିବା ବିବିଧତାର ଅନୁସନ୍ଧାନ ଓ ଆବିଷ୍କାର କରିବା ପାଇଁ ଏହା ଉତ୍ସାହିତ କରେ ।

### ୪.୪.୪ ବିଭିନ୍ନ ପ୍ରକାର ଢ଼ାଞ୍ଚା -

ପାଠ୍ୟଖସଡ଼ାର ବିଷୟବସ୍ତୁ ଭିତ୍ତିକ ସଙ୍ଗଠନ ପାଠରେ ବିଭିନ୍ନ ପ୍ରକାର ଢ଼ାଞ୍ଚା ବ୍ୟବହାରର ଅବସର ପ୍ରଦାନ କରେ । ଏହା ମଧ୍ୟରେ ଗପ, ବର୍ଣ୍ଣନା, ସାକ୍ଷାତକାର, ଦିନଲିପି, ଖବର ଟିପ୍ପଣି, ପଦ୍ୟ, ଆଲୋଚନା ଇତ୍ୟାଦି ଅନ୍ତର୍ଭୁକ୍ତ ଯାହା ଶିକ୍ଷାର୍ଥୀ ଅଭିଜ୍ଞତା ଓ ଦୃଷ୍ଟିଭଙ୍ଗୀ ଆଧାରିତ ହୋଇଥାଏ । ତିନୋଟି ଯାକ ବହିର ବିଭିନ୍ନ ପାଠ ଢ଼ଞ୍ଚାରେ ଏହା ଦୃଷ୍ଟିଗୋଚର ହୁଏ । ଢ଼ାଞ୍ଚାର ମିଶ୍ରିତ ରୂପ ଓ ବିଭିନ୍ନ ପ୍ରକାର ଚାକ୍ଷୁସ ରୂପ ଶିକ୍ଷାର୍ଥୀର ବିଭିନ୍ନ ଉପାୟରେ ଶିକ୍ଷଣକୁ ସହଯୋଗ କରେ - କିଛି ଶିକ୍ଷାର୍ଥୀ ଚାକ୍ଷୁସ ପାଇଁ ଅଧିକ ଆକର୍ଷିତ ହେବା ବେଳେ, ଆଉ କିଛି ବର୍ଣ୍ଣନା ସହ ସମ୍ପୃକ୍ତ ହୁଅନ୍ତି, କିଛି ପ୍ରଶ୍ନାବଳୀର ଆହ୍ୱାନକୁ ଉପଭୋଗ କଲାବେଳେ ଆଉକିଛି ବିଜ୍ଞାନ / ଇତିହାସ / ଭୁଗୋଳ / ଭାଷା ଦିଗରେ ଆକୃଷ୍ଟ ହୁଅନ୍ତି ।

ଟିପ୍ପଣୀ

ବିଷୟର ବିବିଧ ଉତ୍ସ, ବିଷୟ ଉପସ୍ଥାପନାର ବିଭିନ୍ନ ଢ଼ାଞ୍ଚା ପିଲାଙ୍କ ଅନୁସନ୍ଧିତ୍ସା, ବୃତ୍ତିଗତ ଦକ୍ଷତା, ସହଭାଗିତା, ପରୀକ୍ଷାନିରୀକ୍ଷା କରିବା, ଅନୁସନ୍ଧାନ, ଆବିଷ୍କାର ତଥା ପରିଷ୍କାର ଭାବ ପ୍ରକାଶ ପାଇଁ ପର୍ଯ୍ୟାପ୍ତ ଅବସର ସୃଷ୍ଟି କରିଥାଏ ।

ପାଠଗୁଡ଼ିକ ପଢିବା ବେଳେ ଶିକ୍ଷାର୍ଥୀମାନେ ଆପେଆପେ ବିଭିନ୍ନ ଲିଖନ ଶୈଳୀ ଓ ଢ଼ାଞ୍ଚା ସହ ପରିଚିତ ହୁଅନ୍ତି । ଏ ଦୃଷ୍ଟିରୁ ପାଠ ଗୁଡ଼ିକ ଆଗ୍ରହ ଉଦ୍ଦୀପକ ଉଦାହରଣ ଓ ଅନୁଶୀଳନୀ ଜରିଆରେ ଭାଷା ଶିକ୍ଷଣକୁ ବଳ ଦେଇଥାଏ । ବିଷୟମାନଙ୍କ ମଧ୍ୟରେ ଥିବା ଯାନ୍ତ୍ରିକ ବିଭାଗୀକରଣକୁ ଭାଙ୍ଗି କେବଳ ବିଷୟ ନୁହେଁ ବରଂ ତାର ଶିକ୍ଷାଦାନ - ଶିକ୍ଷଣରେ ତାର ପରିଚାଳନାକୁ ମଧ୍ୟ ଏହା ପୁଷ୍ଟ କରେ ।

ଜଣେ ଶିକ୍ଷକ ରୂପେ - ପାଠଟି କେଉଁ ଉତ୍ସରୁ ବିକଶିତ ହୋଇଛି ଏହା ଶିକ୍ଷାର୍ଥୀଙ୍କ ସହ ଆଲୋଚନା କରି ପାଠକୁ ଅଧିକ ଚିତ୍ତାକର୍ଷକ କରାଯାଇପାରିବ । କେବଳ ପାଠ ବହି ବା ଶ୍ରେଣୀକକ୍ଷ ନୁହେଁ ଯେକୌଣସି ସ୍ଥାନରେ ଓ ଯେକୌଣସି ବ୍ୟକ୍ତିଠାରୁ ଶିକ୍ଷଣ ସମ୍ଭବ - ଏହି ଧାରଣା ଏହାଦ୍ୱାରା ଦୃଢ଼ିଭୂତ ହୋଇଥାଏ ।

**କିଛି ଉଦାହରଣ - ବ୍ୟକ୍ତି ଓ ସେମାନଙ୍କ ବାସ୍ତବ ଅଭିଜ୍ଞତା ଆଧାରିତ ପାଠ**

କେତେକର ନାମ ..........................................................

ଶ୍ରେଣୀ ଚତୁର୍ଥ - ପାଠ ୫ ଅନିତା ଓ ମହୁମାଛି

ପାଠ ୨୬ ପ୍ରତିରକ୍ଷା ଅଧିକାରୀ : ଓ୍ୱହିଦା

ଶ୍ରେଣୀ ପଞ୍ଚମ - ପାଠ ୯ ତୁମେ ଉପରକୁ ଯାଅ :

ପାଠ ୧୧ ମହାକାଶରେ ସୁନିତା

ପାଠ ୨୦ କାହାର ଜଙ୍ଗଲ

ଏହି ଉଦାହରଣ ଗୁଡ଼ିକ ବ୍ୟବହାର କରି ତୁମ ପିଲା କ'ଣ କରିବାକୁ ଚାହାଁନ୍ତି - ସେମାନଙ୍କ ସ୍ୱପ୍ନ କ'ଣ ଏହା ବୁଝି ସେ ଦିଗରେ କାମ କରିବା ପାଇଁ ସହାୟତା କରିପାରିବ ।

**ବାସ୍ତବ ଘଟଣା ଗପ ଆଧାରିତ ପାଠସମୂହ**

ନିଜନିଜ କ୍ଷେତ୍ରରେ ଉପଲବ୍ଧି ହାସଲରେ କରିଥିବା କିଛି ବ୍ୟକ୍ତିଙ୍କ ସହ ସାକ୍ଷାତକାର ଓ ଯୋଗାଯୋଗରୁ ମଧ୍ୟ କିଛି ପାଠ ଉଦ୍ଭବ ହୋଇଛି ।

| | | |
|---|---|---|
| ଶ୍ରେଣୀ ଚତୁର୍ଥ | ପାଠ ୧୦ | ହୁ ତୁ ତୁ, ହୁ ତୁ ତୁ (ତିନି ଭଉଣୀଙ୍କ ଏକ ଗପ) |
| ଶ୍ରେଣୀ ପଞ୍ଚମ | ପାଠ ୧୭ | କାନ୍ହୁର ଏପାଖୁ ସେପାଖ |

ଶିକ୍ଷାର୍ଥୀ ମାନଙ୍କୁ ଏହା କହିଲେ ଆଗ୍ରହ ଉଦ୍ଦିପକ ହେବ ଯେ ଏହି ପାଠ ଗୁଡ଼ିକ ଖବରକାଗଜର ଛୋଟ ଖବର ବା ବୃତ୍ତଚିତ୍ରରୁ ହିଁ ଆସିଛି । ପ୍ରକୃତରେ ପାଠ୍ୟପୁସ୍ତକ ପ୍ରଣେତା (ଲେଖକ) ମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଭେଟି ସେମାନଙ୍କ ସହ କଥାବାର୍ତ୍ତାରୁ ଏହି ଗପ ସଂଗ୍ରହ କରିଛନ୍ତି ।

ବାସ୍ତବ ସ୍ଥାନ ଆଧାରିତ ପାଠ ସମୂହ

| | | |
|---|---|---|
| ଶ୍ରେଣୀ ଚତୁର୍ଥ | ପାଠ ୧ | ବିଦ୍ୟାଳୟକୁ ଯିବା |
| ଶ୍ରେଣୀ ଚତୁର୍ଥ | ପାଠ ୬ | ଓମାନର ଯାତ୍ରା |
| ଶ୍ରେଣୀ ଚତୁର୍ଥ | ପାଠ ୧୧ | ଫୁଲର ଉପତ୍ୟକା |

**ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ପାଇଁ ପାଠ୍ୟକ୍ରମରେ ଥିବା ବ୍ୟବସ୍ଥା**

| | | |
|---|---|---|
| ଶ୍ରେଣୀ ଚତୁର୍ଥ | ପାଠ ୨୩ | ପଞ୍ଚମ ପଲ୍ଲି |
| ଶ୍ରେଣୀ ପଞ୍ଚମ | ପାଠ ୧୦ | କାହ୍ନୁ କହେ ଗପ |
| ଶ୍ରେଣୀ ପଞ୍ଚମ | ପାଠ ୧୩ | ଅତି ଉଚ୍ଚରେ ଥିବା ସ୍ଥାନ |

### ପଢ଼ ଓ ଚିନ୍ତା କର

ଉପରେ ପ୍ରଦତ୍ତତାଲିକାରୁ, ତୁମେ ବ୍ୟବହାର କରୁଥିବା ପରିବେଶ ଅଧ୍ୟୟନ ପାଠ୍ୟପୁସ୍ତକରେ କେଉଁ ପ୍ରକାର ପାଠ ଗୁଡ଼ିକ ନିମ୍ନରେ ସୂଚୀତ ଦିଗପାଇଁ ସୁଯୋଗ ଦିଏ ଚିହ୍ନଟ କର -

- ଏହି ପାଠଗୁଡ଼ିକରୁ ଏକଥା ଶିଖିବା ସୁଯୋଗ ଥାଏ ଯେ "ଅସାଧାରଣ ଓ ଆହ୍ୱାନ ମୂଳକ କାମ ଓ ବୃତ୍ତି ଆପଣେଇବା ପାଇଁ ଲୋକଙ୍କୁ କ'ଣ ପ୍ରବର୍ତ୍ତାଇଥାଏ ।"
- ଭୌଗଳିକ ଓ ଐତିହାସିକ ଦୃଷ୍ଟିକୋଣ ଆଣିବା ପାଇଁ ଏହି ପାଠ ଗୁଡ଼ିକରେ ପର୍ଯ୍ୟାପ୍ତ ସୁଯୋଗ ରହିଛି । ସମନ୍ୱିତ ରୂପେ ନିଜ ଦୁନିଆକୁ ବୁଝିବା ପାଇଁ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ମଧ୍ୟରେ ସମନ୍ୱୟକୁ ଏଗୁଡ଼ିକ ବଳ ଦିଅନ୍ତି ।
- ଏହି ପାଠ ଗୁଡ଼ିକ ଏହା ମଧ୍ୟ ସୂଚୀତ କରେ ଯେ ଦୈନନ୍ଦିନ ଜୀବନରେ ଆମେ ମିଶୁଥିବା ଗୁରୁଜନ, ପଡ଼ୋଶୀ ଓ  ବ୍ୟକ୍ତିମାନଙ୍କ ପାଖରୁ ବହୁତ କଥା ଆବିଷ୍କାର କରୁ ଓ ଶିଖୁ । ଜ୍ଞାନ ପାଇଁ କେବଳ ପାଠବହି ନୁହେଁ - ଏହି ସବୁ ମଧ୍ୟ ଶିକ୍ଷାଦାନ - ଶିକ୍ଷଣର ସମ୍ବଳ ରୂପେ  ସ୍ୱୀକୃତି ଦେବା ଦରକାର ।
- ଏହି ପାଠଗୁଡ଼ିକ ମାନଚିତ୍ର ଓ ଅନ୍ୟାନ୍ୟ ଶ୍ରାବ୍ୟ-ଦୃଶ୍ୟ ସହାୟକ ସାମଗ୍ରୀ ବ୍ୟବହାରର ଅବସର ଯୋଗାଇଥାନ୍ତି ଓ ପିଲାଙ୍କ ଅନୁସନ୍ଧିତ୍ସୁ ଭାବକୁ ଜାଗ୍ରତ କରି ଆବିଷ୍କାର କରିବା ପାଇଁ ଶିକ୍ଷାର୍ଥୀକୁ ପ୍ରେରିତ କରିଥାନ୍ତି । ଅନୁଶୀଳନୀ ଗୁଡ଼ିକ ଗଣିତ, ଇତିହାସ ଓ ଭାଷା ବ୍ୟବହାର ପାଇଁ ଆନ୍ତଃ ବିଭାଗର ସମନ୍ୱୟର ପ୍ରସ୍ତାବ କରନ୍ତି ।

### ୪.୪.୫ ବିବିଧ ଶିକ୍ଷାଦାନ-ଶିକ୍ଷଣ କାର୍ଯ୍ୟାବଳୀ

କିଛି କରି ଶିଖିବା ଓ ଶିକ୍ଷଣ କାର୍ଯ୍ୟ ଭିତ୍ତିକ ପନ୍ଥା ଅନୁଭୂତି ମାଧ୍ୟମରେ ଶିକ୍ଷଣର ଅବିଚ୍ଛେଦ୍ୟ ଅଂଶ ଅଟେ । ଏହି ଉପାୟରେ ଶିକ୍ଷଣ ଉଭୟ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ପାଇଁ ମଜାଦାର ହୋଇଥାଏ । ପିଲାମାନେ ଯେପରି ନିଜର ତାତ୍କ୍ଷଣିକ ପରିବେଶ ସହ ସଂଯୁକ୍ତ ହେବେ (ପରିବାର, ଗୋଷ୍ଠି, ପ୍ରାକୃତିକ ତଥା ମନୁଷ୍ୟକୃତ) ସେଥିପାଇଁ ପରିବେଶ ଅଧ୍ୟୟନ ପାଠବହିରେ ଗୁଡ଼ିଏ ଶିକ୍ଷାଦାନ-ଶିକ୍ଷଣ ପଦ୍ଧତି ଅନ୍ତର୍ଭୁକ୍ତ ହୋଇଛି ।

ପ୍ରତ୍ୟେକ ପାଠର ଶେଷରେ ପୃଥକ୍ ଭାବରେ ନ ରହି ଶିକ୍ଷଣକାର୍ଯ୍ୟ ଗୁଡ଼ିକ ପାଠ ସହ ସମନ୍ୱିତ ରୂପରେ ଅଛନ୍ତି । ଶିକ୍ଷାର୍ଥୀର ବ୍ୟକ୍ତିଗତ ପରିସ୍ଥିତି ଓ ଅନୁଭୂତି ସହଯୋଡ଼ିବା ତଥା ପାଠକୁ ବୁଝିବା ପାଇଁ ଶିକ୍ଷଣ କାର୍ଯ୍ୟକୁ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ବିବେଚନା କରାଯାଇଛି ।

ପ୍ରସ୍ତାବିତ ଶିକ୍ଷଣ କାର୍ଯ୍ୟ ଗୁଡ଼ିକ ଅନେକ ଗୁଡ଼ିଏ ଦକ୍ଷତା ଯଥା ପର୍ଯ୍ୟବେକ୍ଷଣ, ତଥ୍ୟ ଲିପିବଦ୍ଧ କରିବା, ଲିଖିତ ଓ ମୌଖିକ ରୂପେ ଭାବପ୍ରକାଶ, ବର୍ଗୀ କରଣ ଓ ବିଭାଗୀକରଣର ବିକାଶରେ ସହାୟତା କରିବା ସହ ମନଃକ୍ରିୟାତ୍ମକ କୌଶଳ, ସୃଜନଶୀଳତା ଓ ସୌନ୍ଦର୍ଯ୍ୟ ବୋଧ ବା ପ୍ରଶଂସା କରିବା ଇତ୍ୟାଦିର ବିକାଶ ମଧ୍ୟ କରନ୍ତି । ଶିକ୍ଷାର୍ଥୀର ଜ୍ଞାନର ଆକଳନ କରିବା ପାଇଁ ନ ହୋଇ ଶିକ୍ଷାର୍ଥୀ ନିଜକୁ କିପରି ପ୍ରକାଶ କରିପାରିବ ସେଥିପାଇଁ ଶିକ୍ଷଣ କାର୍ଯ୍ୟ ଗୁଡ଼ିକ ଉଦ୍ଦିଷ୍ଟ । ଯେହେତୁ ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ବେଗରେ ହିଁ

ଟିପ୍ପଣୀ

ଶିଖେ ତେଣୁ ତରତର ନ ହୋଇ ଶିକ୍ଷଣ କାର୍ଯ୍ୟ ଓ ଅନୁଶୀଳନୀ ପାଇଁ ଯଥେଷ୍ଟ ସମୟ ଦିଆଯିବା ଆବଶ୍ୟକ ।

ଶିକ୍ଷଣ କାର୍ଯ୍ୟଗୁଡ଼ିକୁ ଶିକ୍ଷଣ ସାଧନ ହେବା ସହ ମୂଲ୍ୟାୟନ ସାଧନ ରୂପେ ମଧ୍ୟ ବ୍ୟବହାର କରି ହେବ । ଏଗୁଡ଼ିକ ଦଳଗତ ତଥା ସହଯୋଗୀ ଶିକ୍ଷଣ ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରନ୍ତି । ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ଥିବା ବିବିଧତା ତଥା ସାମଞ୍ଜସ୍ୟ ସମ୍ବନ୍ଧରେ ମଧ୍ୟ ସଜାଗ କରନ୍ତି ।

**ଶ୍ରେଣୀ କକ୍ଷରେ**

ପାଠର ଉଦ୍ଦେଶ୍ୟ ହାସଲ ପାଇଁ ତୁମେ ଅଭିନବ ଶିକ୍ଷାଦାନ ସାମଗ୍ରୀ, ଅନ୍ୟାନ୍ୟ ସାମଗ୍ରୀ, ଶିକ୍ଷଣ କାର୍ଯ୍ୟ ଓ ଅନୁଶୀଳନୀ ଇତ୍ୟାଦି ପ୍ରସ୍ତୁତ କରି ବ୍ୟବହାର କରିବା ସ୍ୱାଗତ ଯୋଗ୍ୟ । ପାଠ ମାନଙ୍କୁ ସମୃଦ୍ଧ କରିବା ସକାଶେ ଶିକ୍ଷାର୍ଥୀ ମାନଙ୍କୁ ମଧ୍ୟ ତୁମେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଉତ୍ସାହିତ କରିପାରିବ ।

**ବିଭିନ୍ନ ଶିକ୍ଷଣ କାର୍ଯ୍ୟର ନମୁନା**

| | | | |
|---|---|---|---|
| କ. | ଧନ୍ଦା | ଶ୍ରେଣୀ ତୃତୀୟ ପୃ:୫୪ | ଖାଦ୍ୟ ଓ ପକ୍ଷୀମାନଙ୍କୁ ଯୋଡ଼ିବା |
| | | ଶ୍ରେଣୀ ଚତୁର୍ଥ ପୃ:୧୯ | ରଙ୍ଗକର ଓ ଖୋଜି ବାହାର କର |
| ଖ. | ଖେଳ | ଶ୍ରେଣୀ ତୃତୀୟ ପୃ:୪୩ | ମୂକ ଚାରାଦେସ୍ |
| | | ଶ୍ରେରୀ ତୃତୀୟ ପୃ:୧୫୬-୧୫୭ | ଜୀବନ ଚକ୍ର |
| ଗ. | ସଂଗ୍ରହ | ଶ୍ରେଣୀ ତୃତୀୟ ପୃ:୧୧୨ | ଡାକଟିକଟ ସଂଗ୍ରହ |
| ଘ. | ହସ୍ତକର୍ମ | ଶ୍ରେଣୀ ତୃତୀୟ ପୃ:୫୬,୭୫ | କାଗଜକାମ, ଖେଳନା ରେଳଗାଡ଼ି |
| ଙ. | କଳା | ଶ୍ରେଣୀ ତୃତୀୟ ପୃ:୬୦,୬୧ | ଚିତ୍ର ଓ ରେଖାଚିତ୍ର ଅଙ୍କନ |
| ଚ. | ରନ୍ଧନ(ରୋଷେଇ) | ଶ୍ରେଣୀ ତୃତୀୟ ପୃ:୬୫ | ପ୍ରସ୍ତୁତକର ଓ ଖାଅ |
| ଛ. | ମାନଚିତ୍ର ପଠନ | ଶ୍ରେଣୀ ତୃତୀୟ ପୃ:୧୫୨ | ସଙ୍କେତ / ଚିହ୍ନ |
| | | ଶ୍ରେଣୀ ପଞ୍ଚମ ପୃ:୯୧ | ଗୋଲକୁଣ୍ଡା ଦୁର୍ଗ |
| ଜ. | ପରୀକ୍ଷଣ | ଶ୍ରେଣୀ ପଞ୍ଚମ ପୃ:୬୪ | ବସ୍ତୁକୁ ଦ୍ରବିଭୂତ କରିବା (ଦ୍ରବଣ) |

**ନିଜ ଅଗ୍ରଗତିର ଆକଳନ -୨**

କ. ଉପର ତାଲିକାର କେଉଁ ଶିକ୍ଷଣ କାର୍ଯ୍ୟ ଗୁଡ଼ିକ ନିମ୍ନରେ ସୂଚୀତ ସମସ୍ତ ପାଇଁ ଉପଯୋଗୀ ?

- ବିଭିନ୍ନ ଇନ୍ଦ୍ରିୟ ଓ କ୍ଷମତାର ବିନିଯୋଗ ହେଉଥିବା ବିଭିନ୍ନ ଶିକ୍ଷଣ ଅନୁଭୂତିରେ ଭାଗନେବା ପାଇଁ ଶିକ୍ଷାର୍ଥୀଙ୍କୁ ସୁଯୋଗ ଦେଇଥାଏ ।
- ଦଳଗତ କାର୍ଯ୍ୟ ଓ ସହପାଠୀ ଶିକ୍ଷଣକୁ ଉତ୍ସାହିତ କରେ ।
- ସହଯୋଗ, ବିନିମୟ, ଯଥାରୁପେ ସମ୍ବନ୍ଧ ସ୍ଥାପନ କରିବା ଓ ସଙ୍ଗଠନ କରିବା ପରି ଜୀବନ କୌଶଳ ନିର୍ମାଣ କରେ (ବିକାଶ) ।

ଟିପ୍ପଣୀ

### ୪.୪.୬. ବିଭିନ୍ନ ଶିକ୍ଷଣ ଉପାୟ/ଶୈଳୀକୁ ସହାୟତା କରିବା

ବିବିଧ ଶିକ୍ଷଣ କାର୍ଯ୍ୟ ଓ ଅନୁଶୀଳନୀର ବ୍ୟବହାର ବହୁମୁଖୀ ବୁଦ୍ଧିର ବିକାଶ କରେ । ପିଲାଙ୍କ ବିଭିନ୍ନ କୌଶଳ ଓ କ୍ଷମତାର ବିକାଶ କରି ଶିକ୍ଷଣ କାର୍ଯ୍ୟରେ ଅଂଶ ଗ୍ରହଣ ପାଇଁ ଅବସର ପ୍ରଦାନ କରି ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହୁଏ ।

ପାଠରେ ଥିବା କେତେକ ଅନୁଶୀଳନୀ ଓ ଶିକ୍ଷଣ କାର୍ଯ୍ୟ କେବଳ ଲିଖନ ବା ମୌଖିକ କ୍ଷେତ୍ରରେ କଳ୍ପନା ଓ ସୃଜନଶୀଳତାର ବିକାଶ ନକରି ଚିତ୍ରାଙ୍କନ ଓ ବିଭିନ୍ନ କାର୍ଯ୍ୟ ସମ୍ପାଦନ କ୍ଷେତ୍ରକୁ ମଧ୍ୟ ବ୍ୟାପ୍ତ ହୋଇଥାଏ । ଏହାଦ୍ୱାରା ପାଠଗୁଡିକ କଳା ଓ ନାଟକ ସହ ମଧ୍ୟ ସମନ୍ୱିତ ହୋଇଥାଆନ୍ତି । ଯେଉଁ ଶିକ୍ଷାର୍ଥୀମାନେ ଗତାନୁଗତିକ ଭାଷାଗତ କିମ୍ବା ନିର୍ଦ୍ଦିଷ୍ଟ କ୍ରମାନୁସାରେ ଶିକ୍ଷାଦାନରେ ସମ୍ପୃକ୍ତ ହୁଅନ୍ତି ନାହିଁ, ପାଠବହି ପ୍ରଦତ୍ତ ଅବସରକୁ ବିନିଯୋଗ କରି ସେମାନଙ୍କୁ ସକ୍ରିୟ ଅଂଶଗ୍ରହଣ କରିବାପାଇଁ ପ୍ରେରିତ କରିପାରିବ ।

**କେତେକ ଉଦାହରଣ**

| | |
|---|---|
| ଶ୍ରେଣୀ ତୃତୀୟ | ବିଭିନ୍ନ ମୁହଁ ଓ ଭାବଭଙ୍ଗୀ ଅଙ୍କନ (ପୃ:୪୬-୪୭) |
| ଶ୍ରେଣୀ ଚତୁର୍ଥ | କଳ୍ପନା ଓ ଅଭିନୟ କରିବା (ପୃ:୯) |
| ଶ୍ରେଣୀ ଚତୁର୍ଥ | କଳ୍ପନା ଓ ଚିତ୍ର ଆଙ୍କିବା (ପୃ:୧୩୬) |
| ଶ୍ରେଣୀ ପଞ୍ଚମ | ପ୍ରତିରୂପ ଓ ଢ଼ାଞ୍ଚା ପ୍ରସ୍ତୁତି (ପୃ:୮୫,୮୬) |

- **କଳା ଓ ହସ୍ତ କର୍ମ କାର୍ଯ୍ୟ ଗୁଡ଼ିକ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣର ଅଂଶ ହେବ ବୋଲି ତୁମେ ମନେକର କି ?**
- **କଳା-ହସ୍ତକର୍ମ ଓ ପରିବେଶ ମଧ୍ୟରେ କେଉଁ ସମ୍ପର୍କ ଅଛି ?**

### ୪.୪.୭- ସାମାଜିକ ବିଷୟ ଗୁଡ଼ିକର ବିଚାର

ଏହା ଗୃହୀତ ଯେ ପରିବେଶ ସମ୍ବନ୍ଧୀୟ ଶିକ୍ଷା ପ୍ରକୃତି ଓ ବୈଜ୍ଞାନିକ ଘଟଣା ତଥା ପ୍ରକ୍ରିୟା ଗୁଡ଼ିକ ବୁଝିବାଠୁ ଅଧିକ ଅଟେ ।

ପରିବେଶ ଅଧ୍ୟୟନ ଏକ ପ୍ରକ୍ରିୟା ଯାହା ମାଧ୍ୟମରେ ଆଗେ ବାସ କରୁଥିବା ପ୍ରାକୃତିକ ଓ ସାମାଜିକ ବାସ୍ତବ ଦୁନିଆ ସହ ଶିକ୍ଷାର୍ଥୀଙ୍କୁ ପରିଚିତ କରାଯାଏ, ପରିବେଶ ସମ୍ବନ୍ଧୀୟ ଧାରଣା ଓ ପ୍ରସଙ୍ଗ ସମ୍ପର୍କରେ ସଚେତନ କରାଯାଏ, ତଥା ବିଶ୍ଳେଷଣ, ଆକଳନ ଓ ଉପଯୁକ୍ତ ସିଦ୍ଧାନ୍ତ ଗ୍ରହଣ କରିବା ତଥା ପରିବେଶ ପାଇଁ ଗଠନମୂଳକ କାର୍ଯ୍ୟ ପନ୍ଥା ଗ୍ରହଣ ନିମନ୍ତେ ସେମାନଙ୍କୁ ପ୍ରସ୍ତୁତ କରାଯାଏ । ପାଠ୍ୟପୁସ୍ତକର ପାଠର ବିଷୟବସ୍ତୁ ତଥା ସଂରଚନା ଅନେକ ସାମାଜିକ ଓ ସାଂସ୍କୃତିକ ବିଚାର ଗୁଡ଼ିକ ଉପସ୍ଥାପିତ କରେ । କିଛି ଶିକ୍ଷାର୍ଥୀମାନଙ୍କ ପାଇଁ ଏଗୁଡ଼ିକ ଦୈନନ୍ଦିନ ଜୀବନର ଅଂଶ (ଖାଦ୍ୟ, ଜଳ ଓ ପରିବାର ସମ୍ପୃକ୍ତ ଧାରଣା) ହୋଇଥିବା ବେଳେ ଆଉକିଛି ଏହା ନୂଆ ଧାରଣା ଅଟେ (ଆଗରୁ ଚିନ୍ତା କରି ନଥିବା) ।

କିଛି ଉଦାହରଣ

| | | |
|---|---|---|
| ଶ୍ରେଣୀ ଚତୁର୍ଥ | ପାଠ ୬ | ଆମେ ଖାଉଥିବା ଖାଦ୍ୟ |
| ଶ୍ରେଣୀ ଚତୁର୍ଥ | ପାଠ ୨୧ | ବିଭିନ୍ନ ରୂପର ପରିବାର |
| ଶ୍ରେଣୀ ଚତୁର୍ଥ | ପାଠ ୨୨ | ମୋହାତ ପାଆନ୍ତାର ପୃଥିବୀ |
| ଶ୍ରେଣୀ ପଞ୍ଚମ | ପାଠ ୧୬ | ଏକାମ କିଏ କରିବ |
| ଶ୍ରେଣୀ ପଞ୍ଚମ | ପାଠ ୧୮ | ଆମ ପାଇଁ ଜାଗା ନାହିଁ ? |

ଟିପ୍ପଣୀ

ଶିକ୍ଷାର୍ଥୀମାନେ ମାନି ନେଇଥିବା କିମ୍ବା ଚିନ୍ତା କରିବାକୁ ଚାହୁଁ ନଥିବା ବିଷୟରେ ଚିନ୍ତା କରିବା ପାଇଁ ଏହି ପାଠ ଗୁଡ଼ିକ ଅବସର ପ୍ରଦାନ କରିଥାଏ । ଉଦାହରଣ ସ୍ୱରୂପ ସେମାନେ କାହାସହ ଖାଆନ୍ତି (ଶ୍ରେଣୀ ଚତୁର୍ଥ ପୃ:୧୬୭), କାହା ସହ ସେମାନେ ଖାଦ୍ୟ ଓ ଜଳ ବାଣ୍ଟନ୍ତି (ଶ୍ରେଣୀ ଚତୁର୍ଥ ପୃ ୧୮୨) ତାଙ୍କ ବିଦ୍ୟାଳୟ / ଘରେ କିଏ ସଫେଇ କାମ କରେ (ଶ୍ରେଣୀ ପଞ୍ଚମ ପୃ:୧୫୩) ଏଇ ପାଠ ଗୁଡ଼ିକ ଯୋଡ଼ିବା ଅଧିକ ଆହ୍ୱାନମୂଳକ ହୋଇପାରେ । କିଛି ଶିକ୍ଷାର୍ଥୀ କେତେକ କାର୍ଯ୍ୟ (ପକ୍ଷପାତ) ର ଶିକାର ହୋଇ ଏହି ପାଠମାନଙ୍କୁ ଅନ୍ୟ ରୂପରେ ଦେଖି ପାରନ୍ତି । ପ୍ରତ୍ୟେକ ଶ୍ରେଣୀରେ ଏପରି ଧର୍ମାନ୍ଧତା, ସାମାଜିକ, ଲିଙ୍ଗଗତ ଓ ବ୍ୟକ୍ତିଗତ ପାର୍ଥକ୍ୟ ଜନିତ ଉଗ୍ରତାର ଶିକାର ହେଉଥିବେ । ଶିକ୍ଷକ ରୂପେ ଆମେ ଭାବିବା ଓ ସଚେତନ ହେବା ଆବଶ୍ୟକ ଯେ ପାଠ୍ୟକ୍ରମର ସୀମା ଓ ଶ୍ରେଣୀରେ ଶିକ୍ଷାଦାନ ମଧ୍ୟରେ ଏସବୁ ରହିବା ଉଚିତ ନୁହେଁ । ଏଭଳି ଧାରଣା ଓ ପ୍ରଶ୍ନ ଗୁଡ଼ିକ ଅଣ ଦେଖା କରିବା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଏଇ ଧାରଣା ଗୁଡ଼ିକର ସମ୍ବେଦନଶୀଳ ପରିଚାଳନା ଏପରି ହେବା ଆବଶ୍ୟକ ଯେପରି ତାହା ଶିକ୍ଷାର୍ଥୀଙ୍କ ପାଇଁ ଆଶ୍ୱସ୍ତିକର ହେବ ନାହିଁ ।

**ତୁମେ କେବେ ଏପରି ଧାରଣା ପରିଚାଳନା କରିଛ କି ?**

- **ସାମାଜିକ ଓ ଅର୍ଥନୈତିକ ପୃଷ୍ଠଭୂମି କାରଣରୁ କିଛି ଶିକ୍ଷାର୍ଥୀ ବାଛବିଚାର (ପକ୍ଷପାତ)ର ଶିକାର ହୋଇଛନ୍ତି କି ।**
- **ଏହି ପୃଷ୍ଠଭୂମିରୁ ଆସିଥିବା ଶିକ୍ଷାର୍ଥୀ ତୁମ ଶ୍ରେଣୀରେ ଅଛନ୍ତି କି ?**
- **ଶ୍ରେଣୀରେ ତୁମେ ଏପରି କିଛି ପାଠ ପଢ଼ାଇଛ କି ? ଏହାର ପରିଚାଳନା କରିବା କଷ୍ଟସାଧ ବୋଲି ଅନୁଭବ କରିଛ କି ? କାହିଁକି ?**

ଏହା ଗୁରୁତ୍ୱପୂର୍ଣ୍ଣ ଯେ ଶିକ୍ଷାର୍ଥୀମାନେ ଏପରି ନ ଭାବନ୍ତୁ, ବରଂ ଏପରି ଅନୁଭୂତି କେବଳ ସେମାନଙ୍କର ନୁହଁ ଆଉକିଛି ପିଲାଙ୍କର ମଧ୍ୟ ଅଛି ଏପରି ଭାବନ୍ତି । ପିଲାମାନେ ବିନା ଦ୍ୱିଧାରେ ଯେପରି ଏହି ପ୍ରସଙ୍ଗର ଆଲୋଚନା କରି ପାରିବେ ସେଥିପାଇଁ ସହାୟତା କରିବା ଦରକାର ।

**ଶ୍ରେଣୀ କକ୍ଷରେ**

ମୂଲ୍ୟବୋଧ ତଥା ଭୂଲ-ଠିକ୍ ସମ୍ବନ୍ଧରେ ଆମର ଧାରଣା ଗୁଡ଼ିକ ଲଦିନଦେଇ ଶିକ୍ଷାର୍ଥୀମାନଙ୍କୁ ମୁକ୍ତ ଭାବରେ ନିଜ ଅଭିଜ୍ଞତା ଓ ଧାରଣା ଗୁଡ଼ିକ ଆଲୋଚନା ପାଇଁ ସୁଯୋଗ ଦେବା ହିଁ ସବୁଠୁ ବଡ଼ ଆହ୍ୱାନ ଅଟେ ।

## ୪.୫ ଶ୍ରେଣୀ କକ୍ଷ ଓ ପାଠ ବହି ପରିସର ବାହାରକୁ ଯିବା (ଶିକ୍ଷଣ ପାଇଁ)

ପିଲାର ବିଦ୍ୟାଳୟ ଜୀବନକୁ ତାର ବାହାର ଜୀବନ ସହ ସମ୍ବନ୍ଧିତ କରିବା ପାଇଁ ଜା.ପା.ଆ.୨୦୦୫ ରେ ପ୍ରସ୍ତାବ ଅଛି ।

"ନିଜ ଚତୁପାର୍ଶ୍ୱରେ ଥିବା ପରିବେଶର ପ୍ରକୃତି, ବସ୍ତୁ ଓ ବ୍ୟକ୍ତିଙ୍କ ସହ କାର୍ଯ୍ୟ ଓ ଭାଷା ମାଧ୍ୟମରେ ଆଦାନ ପ୍ରଦାନ ଜରିଆରେ ହିଁ ଶିକ୍ଷଣ ହୁଏ । ଶାରିରୀକ କାମ-ଗତିକରିବା, ଖୋଜିବା, ନିଜେନିଜେ କାମ କରିବା, ସାଙ୍ଗସାଥି ବା ବୟସ୍କଙ୍କ ଖେଳରେ କାମ କରିବା, ପଢ଼ିବା, ଭାବ ପ୍ରକାଶ କରିବା ବା ପଚାରିବା ପାଇଁ ଭାଷା ବ୍ୟବହାର କରିବା, ଶୁଣିବା ଓ ଆଦାନପ୍ରଦାନ କରିବା - ଗୁଡ଼ିକ ହେଉଛି ମୂଳ ପ୍ରକ୍ରିୟା ସମୂହ ଯାହା ଜରିଆରେ ଶିକ୍ଷଣ ହୁଏ" (ଜା.ପା.ଆ.୨୦୦୫ ପୃ:୧୮) । ଏଥିରେ ଆହୁରି

କୁହାଯାଇଛି ଯେ "ପାଠ୍ୟକ୍ରମ ଶିକ୍ଷାର୍ଥୀଙ୍କ ମଧ୍ୟରେ ନିଜ କଥା ଖୋଜିପାଇବା ସେମାନଙ୍କ ଅନୁସନ୍ଧିତ୍ସାର ପୋଷଣ କରିବା, ପ୍ରଶ୍ନ ପଚାରିବା, ଅନୁସନ୍ଧାନ ଜାରି ରଖିବା, ନିଜ ଅନୁଭୂତି ବିନିମୟ କରିବା ଓ ତାକୁ ବିଦ୍ୟାଳୟ ଜ୍ଞାନ ସହ ସଂଯୁକ୍ତ କରିବା ଇତ୍ୟାଦି କ୍ଷମତା (ଦକ୍ଷତା)ର ବିକାଶ କରିବା ଆବଶ୍ୟକ । କେବଳ ବିଷୟଗତ ଜ୍ଞାନ ମୁଖସ୍ତ କରି ତାକୁ ଅବିକଳ ପ୍ରକାଶ କରିଦେବା ଉପରେ ଜା.ପା.ଆ. ୨୦୦୫ ଗୁରୁତ୍ୱ ଦିଏ ନାହିଁ" ।

ପାଠ୍ୟପୁସ୍ତକରେ ବିଷୟ, ଶିକ୍ଷଣ କାର୍ଯ୍ୟ ଓ ପ୍ରଶ୍ନାବଳୀର ସଙ୍ଗଠନ ଶିକ୍ଷାର୍ଥୀଙ୍କୁ ପାଠ୍ୟପୁସ୍ତକ ଓ ଶ୍ରେଣୀ ବାହାରକୁ ଯାଇ ଆଦାନ ପ୍ରଦାନ କରିବାକୁ ଅବସର ଦିଏ ।

ପରିବାରର ବିଶେଷ କରି ବୟସ୍କ, ଗୋଷ୍ଠିର ସଦସ୍ୟଙ୍କ ସହ କଥା ହୋଇ ତଥ୍ୟ ସଂଗ୍ରହ କରିବା ଓ ତାକୁ ନିଜ ଜୀବନ ସହ ସମ୍ବନ୍ଧିତ କରିବା ପାଠ ବହିର ମୁଖ୍ୟ ବୈଶିଷ୍ଟ୍ୟ ଅଟେ ।

ପ୍ରତ୍ୟେକ ପାଠ ଏଥିପାଇଁ ପର୍ଯ୍ୟାପ୍ତ ଅବସର ପ୍ରଦାନ କରେ ।

କେତେକ ଉଦାହରଣ -

**ପାଠର ବୈଶିଷ୍ଟ୍ୟ ଗୁଡ଼ିକୁ ପିଲାର ଜୀବନ ସହ ଯୋଡ଼ିବା -**

ଶ୍ରେଣୀ ତୃତୀୟ, ପାଠ ୬, ଛୋଟ ଘର

- ଛୋଟୁ ନଳକୁ କେତୋଟି ଭାଗରେ ବିଭକ୍ତ କଲା ।
- ତୁମ ଘରର ବିଭିନ୍ନ ଅଂଶର ନାମ ଲେଖ ।

ଶ୍ରେଣୀ ଚତୁର୍ଥ, ପାଠ ୨୨, ମୋ ଘରେ ପୃଥିବୀ (ଦୁନିଆ)

- ଅକ୍ଷୟର ଜେଜେମାଆଙ୍କ ପରି ଚିନ୍ତା କରୁଥିବା କାହାକୁ ତୁମେ ଜାଣ କି ?

**ନିଜ ବ୍ୟକ୍ତିଗତ ପରିସ୍ଥିତି ଓ ଅନୁଭୂତି ଆଣି ଅନ୍ୟସହ ବାଣ୍ଟିବା ପାଇଁ ପିଲାଙ୍କୁ ଉତ୍ସାହିତ କରିବା**

ଶ୍ରେଣୀ ତୃତୀୟ, ପାଠ ୧୪, ଖାଦ୍ୟର କାହାଣୀ

- ଘରେ କିଏ କେଉଁ କାମ କରନ୍ତିର ସାରଣୀ

ଶ୍ରେଣୀ ଚତୁର୍ଥ, ପାଠ ୧, ବିଦ୍ୟାଳୟକୁ ଯିବା

- ତୁମେ ସାଇକଲ ଚଳାଇ ପାରିବ କି ? ଯଦି ହଁ ଏହା ତୁମକୁ କିଏ ଶିଖାଇଲା ?
- ତୁମେ କେବେ ଘଞ୍ଚ ଜଙ୍ଗଲକୁ ଯାଇଛ କି ?
- ଯଦି ହଁ, ଦୟାକରି ଜଙ୍ଗଲ ସମ୍ବନ୍ଧରେ ନିଜ ଅନୁଭବ ଲେଖ ।

ଶ୍ରେଣୀ ପଞ୍ଚମ, ପାଠ ୨୧, ବାପ ପରି ଝିଅ

- ତୁମର କେଶ ଓ ଚର୍ମ ଘରର ଅନ୍ୟ କାହାପରି ହୋଇଛି କି ?
- ଯଦି ହଁ, ଯାହାପରି ହୋଇଛି ତାଙ୍କ ନାମ ଲେଖ ।

**ପିତାମାତା, ଗୁରୁଜନ ଓ ଗୋଷ୍ଠି ସଦସ୍ୟଙ୍କ ସହ କଥା ହୋଇ ତଥ୍ୟ ସଂଗ୍ରହ ପାଇଁ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା**

- ଶ୍ରେଣୀ ତୃତୀୟ, ପାଠ ୧୬, ଆମେ ଖେଳୁଥିବା ଖେଳ
- ଗୁରୁଜନମାନେ ପିଲାବେଳେ କେଉଁସବୁ ଖେଳ ଖେଳୁଥିଲେ ପଚାରିବୁଝ ।

ଟିପ୍ପଣୀ

- ଶ୍ରେଣୀ ଚତୁର୍ଥ, ପାଠ ୧୨, ପରିବର୍ତ୍ତନଶୀଳ ସମୟ

ଜେଜେବାପା/ଜେଜେମା ୮/୯ ବର୍ଷର ହୋଇଥିବା ବେଳେ କେଉଁଠି ରହୁଥିଲେ ପଚାରିବୁଝ । ତାଙ୍କ ଘରେ ଶୌଚାଳୟ ଥିଲା କି ?

ଶ୍ରେଣୀ ପଞ୍ଚମ, ପାଠ ୧୨, ଏହା ସରିଗଲେ କ'ଣ ହେବ ?

- ଗୁରୁଜନ ମାନେ ପିଲାଥିବାବେଳେ ଘରେ ଖାଦ୍ୟ ରାନ୍ଧିବା ପାଇଁ କ'ଣ ବ୍ୟବହାର ହେଉଥିଲା ପଚାରି ବୁଝ ?

**ଆମ ପାଖର ବିଭିନ୍ନ କ୍ଷେତ୍ରକୁ ଯାଇ ପର୍ଯ୍ୟବେକ୍ଷଣ, ତଥ୍ୟ ଲିପିବଦ୍ଧ କରିବା ସାକ୍ଷାତକାର ନେବା ଓ ଅନ୍ୱେଷଣ କରିବା ପିଲାଙ୍କୁ ଉତ୍ସାହିତ କରିବା ।**

ଶ୍ରେଣୀ ତୃତୀୟ, ପାଠ ୮, ଉଚ୍ଚକୁ ଉଡ଼ିବା -

- ପକ୍ଷୀମାନଙ୍କୁ ଲକ୍ଷ କରି ପର୍ଯ୍ୟବେକ୍ଷଣକୁ ଲିପିବଦ୍ଧ କରିବା

ଶ୍ରେଣୀ ଚତୁର୍ଥ, ପାଠ ୧୨, ପରିବର୍ତ୍ତନଶୀଳ ସମୟ -

- ଏକ ନିର୍ମାଣସ୍ଥଳକୁ ଯାଇ ନିର୍ମାଣ ସମ୍ବନ୍ଧରେ ଶ୍ରମିକମାନଙ୍କ ସାକ୍ଷାତକାର ନେବା । ନିଜ ଆଲୋଚନା ଟିପିରଖ ଓ ଏକ ବିବରଣୀ ଲେଖ ।

ଶ୍ରେଣୀ ପଞ୍ଚମ, ପାଠ ୮, ମଶାଙ୍କ ପାଇଁ ଏକ ଭୋଜି

- ବିଦ୍ୟାଳୟ ପରିସର - ପରୀକ୍ଷା କର ଓ ଅନ୍ୱେଷଣ କର
- ଏକ ଫାର୍ମର ପରିଦର୍ଶନ କରି ଏକ ବିବରଣୀ ଲେଖିବା

**ଏପରି ପାଠ ଓ ଅନୁଶୀଳନୀ ଅତି ଅଧିକ ସମୟ ନେବା ବୋଲି ଅନୁଭବ କର କି ?**
**ଏହି ପାଠ ଗୁଡ଼ିକ କେଉଁ ତନୋଟି ଦିଗରୁ ଉପଯୋଗୀ ? ଏହା ଶିକ୍ଷାଦାନ ଶିକ୍ଷଣକୁ ସମୃଦ୍ଧ କରିବ କି ?**

**ଶ୍ରେଣୀ କକ୍ଷରେ**

ପାଠ ସହ ନିଜ ଜୀବନ, ଅଭିଜ୍ଞତା ଓ ଗୋଷ୍ଠିକୁ ସମ୍ପୃକ୍ତ କରିବା ପାଇଁ ଶିକ୍ଷାର୍ଥୀଙ୍କୁ ଯଥେଷ୍ଟ ସମୟ ଓ ଅବସର ଦିଆଯିବା ଗୁରୁତ୍ୱପୂର୍ଣ୍ଣ । କେବଳ ଘୋଷି, ପରୀକ୍ଷାରେ ଲେଖି ପକାଇବା ପରିବର୍ତ୍ତେ ବିଷୟ ବସ୍ତୁକୁ ସମ୍ପର୍କିତ କରିବାରେ ଏହା ସାହାଯ୍ୟ କରିବ । ଏଭଳି ପ୍ରଶ୍ନ ପଚାରିବା ଆବଶ୍ୟକ ଯାହା ଶିକ୍ଷାର୍ଥୀମାନେ ବିଦ୍ୟାଳୟ ଶିକ୍ଷଣକୁ ବାହାର ସହ ଯୋଡ଼ିବା, ଶିକ୍ଷାର୍ଥୀ ନିଜ ଭାଷାରେ ଉତ୍ତର ଦେବା (ନିଜ ଅଭିଜ୍ଞତାରୁ)କୁ ସ୍ୱଚ୍ଛଳ କରିଥାଏ ଓ କେବଳ ଠିକ୍ ଉତ୍ତର ମନେ ରଖିବାକୁ ନିରୁତ୍ସାହିତ କରିଥାଏ । ଏହି ପଦକ୍ଷେପ ଗୁଡ଼ିକ କ୍ଷୁଦ୍ର ହେଲେ ହେଁ ଶିକ୍ଷାର୍ଥୀଙ୍କ ଅବବୋଧ ବିକାଶରେ ସାହାଯ୍ୟ କରିଥାଏ । ଜ୍ଞାନ ଆହରଣର ବହୁବିଧ ଉତ୍ସ ଅଛି ଓ ପ୍ରତ୍ୟେକୁ ଉପଯୁକ୍ତ ଗୁରୁତ୍ୱ ଓ ସମ୍ମାନ ଦିଆଯିବା ଦରକାର । ଏହି ବୁଝାମଣାକୁ ଉତ୍ସାହିତ କରିବା ଗୁରୁତ୍ୱପୂର୍ଣ୍ଣ । ଏହା ଶିକ୍ଷାର୍ଥୀର ଶିକ୍ଷଣରେ ପିତାମାତା ଓ ଗୋଷ୍ଠିକୁ ମଧ୍ୟ ସମ୍ପୃକ୍ତ କରିଥାଏ । ସବୁଠୁ ବଡ଼ କଥା ହେଲା ଶିକ୍ଷକ ରୂପେ ଏହା ତୁମକୁ ନିଜର ନିର୍ଦ୍ଦିଷ୍ଟ ପରିସ୍ଥିତି, ଶିକ୍ଷାର୍ଥୀ, ପ୍ରତିବନ୍ଧକ ଓ ସୁଯୋଗକୁ ପ୍ରାସଙ୍ଗିକ କରବାରେ ସାହାଯ୍ୟ କରେ । ନିଜ ଶ୍ରେଣୀ କାର୍ଯ୍ୟକୁ ସମୃଦ୍ଧି କରିବା ପାଇଁ ପାଠ ବହି ବାହାରେ ନୂତନ ପରିସ୍ଥିତି, ଦୃଷ୍ଟାନ୍ତ, ଉଦାହରଣ ପ୍ରସ୍ତୁତିରେ ଏହା ଅବସର ଦିଏ ।

## ୪.୬ ପରିବେଶ ଅଧ୍ୟୟନ ପରିଚାଳନା ସମ୍ବନ୍ଧିତ ଆହ୍ୱାନ

ନିଜ ଶିକ୍ଷାଦାନ-ଶିକ୍ଷଣ ଅଭିଜ୍ଞତା ଓ ଏପର୍ଯ୍ୟନ୍ତ ତୁମେ ଯାହା ପଢ଼ିଛ ସେଥିରୁ ପରିବେଶ ଅଧ୍ୟୟନର ନିମ୍ନ ଉପଯୋଗିତା ଥିବା ସ୍ୱୀକାର କରିବ :

- ପରିବେଶ ଅଧ୍ୟୟନର ପ୍ରସଙ୍ଗ ଗୁଡ଼ିକ ବିଷୟବସ୍ତୁ ଭିତ୍ତିରେ ସଙ୍ଗଠିତ ହୋଇଛନ୍ତି ।
- ପରିବେଶ ଅଧ୍ୟୟନର ପ୍ରସଙ୍ଗ ଗୁଡ଼ିକ ଶିକ୍ଷାର୍ଥୀର ଅଭିଜ୍ଞତାରୁ ହିଁ ଆସିଛନ୍ତି ।
- ଶିକ୍ଷାର୍ଥୀମାନେ ନିଜ ପରିବେଶ ସମ୍ବନ୍ଧରେ ଅନୁସନ୍ଧାନ ଓ ଅଭିଜ୍ଞତା ଜରିଆରେ ଶିଖନ୍ତି । ଏଥିରେ ସେମାନେ ପର୍ଯ୍ୟବେକ୍ଷଣ ଓ ଅଭିଜ୍ଞତାରୁ ତଥ୍ୟ ସଂଗ୍ରହ କରି ବିଶ୍ଳେଷଣ କରନ୍ତି ଓ ନିଜ ଜ୍ଞାନର ନିର୍ମାଣ କରି ତାକୁ ସମୃଦ୍ଧି ଓ ସମ୍ପ୍ରସାରିତ କରନ୍ତି ।
- ଶିକ୍ଷଣ ଜ୍ଞାତରୁ ଅଜ୍ଞାତ (ଯାହା ଜାଣିବା ଦରକାର) ଆଞ୍ଚଳିକରୁ ଜାଗତିକ ଓ ତାତ୍‌କ୍ଷଣିକ ଓ ପରିବେଶରୁ ଗୋଷ୍ଠି, ସମାଜ ଓ ଆହୁରି ବ୍ୟାପକ ସ୍ତରରେ ହେବା ପାଇଁ ଯୋଜନା ହୋଇଥାଏ ।
- ଶିକ୍ଷାର୍ଥୀମାନେ ଚିନ୍ତା କରିବା ଓ ନିଜ ଜ୍ଞାନର ନିର୍ମାଣ ନିଜେ କରିବା ପାଇଁ ଅଧ୍ୟାୟ ଗୁଡ଼ିକ ଓ ମୌଳିକ ପ୍ରଶ୍ନ ସବୁରୁ ଆରମ୍ଭ ହୁଏ ।
- ମୌଖିକ, ଲିଖିତ ଓ ଅନ୍ୟ ସୃଜନାତ୍ମକ ରୂପରେ ଭାବ ପ୍ରକାଶ ପାଇଁ ଶିକ୍ଷାର୍ଥୀଙ୍କ ପାଇଁ ଏହା ଅବସର ପ୍ରଦାନ କରେ ।

ଏଗୁଡ଼ିକ ପରିବେଶ ଅଧ୍ୟୟନ ପାଠ୍ୟକ୍ରମର ଅନ୍ତର୍ନିହିତ ଉପଯୋଗିତା ହୋଇଥିବା ବେଳେ ଆକାଂକ୍ଷିତ ଫଳ ଗୁଡ଼ିକ ଅଧିକ ମାତ୍ରାରେ ଶ୍ରେଣୀ ଶିକ୍ଷକଙ୍କ ଉପରେ ନିର୍ଭରଶୀଳ । ତୁମେ ଜାଣିଥିବ ଯେ ବ୍ୟକ୍ତିଗତ ରୂପେ ଶିକ୍ଷାର୍ଥୀ, ପାଠ୍ୟକ୍ରମ, ଶ୍ରେଣୀ କାର୍ଯ୍ୟ, ସମୟ ଓ ସମ୍ବଳ ପରିଚାଳନାରେ ବିଭିନ୍ନ ଶିକ୍ଷକ ନିୟମିତ ଶିକ୍ଷାଦାନ ସମୟରେ ଭିନ୍ନଭିନ୍ନ ଆହ୍ୱାନର ସମ୍ମୁଖୀନ ହୁଅନ୍ତି । ସମୟ ସହ ଏହି ଆହ୍ୱାନ ଗୁଡ଼ିକର ପରିବର୍ତ୍ତନ ହୋଇପାରେ । ପରିବେଶ ଅଧ୍ୟୟନ ପାଠର ପରିଚାଳନାରେ ଅନେକ ଆହ୍ୱାନ ଥାଏ ।

ପୂର୍ବ ଏକକ ଗୁଡ଼ିକରେ ତୁମେ ପଢ଼ିଛ ଯେ ପରିବେଶ ଅଧ୍ୟୟନ ପାରମ୍ପରିକ ଶିକ୍ଷକ କୈନ୍ଦ୍ରିକ ପନ୍ଥା ପରିବର୍ତ୍ତେ ଏକ ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥାର ଅପେକ୍ଷା ରଖେ । ଅନ୍ୟ ଭାଷାରେ କହିଲେ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣରେ ଶିକ୍ଷକ ପରିବର୍ତ୍ତେ ଶିକ୍ଷାର୍ଥୀ ହିଁ କେନ୍ଦ୍ରରେ ରହେ । ପରିବେଶ ସମ୍ବନ୍ଧରେ ଶିକ୍ଷାର୍ଥୀ ମାନେ ନିଜନିଜ ସ୍ୱତନ୍ତ୍ର ଅନୁଭୂତି ଓ ବୁଝାମଣା ଧରି ବିଦ୍ୟାଳୟକୁ ଆସନ୍ତି । ପରିବେଶ ଅଧ୍ୟୟନ ଶିକ୍ଷକ ତେଣୁ ଶିକ୍ଷାର୍ଥୀର ନିର୍ଦ୍ଦିଷ୍ଟ ପରିବେଶ ଆଧାରରେ ଶିକ୍ଷଣ ଅନୁଭୂତି ଏପରି ଯୋଗାଣରେ ଯେପରି ଶିକ୍ଷାର୍ଥୀ ସମ୍ବନ୍ଧ / ସମ୍ପର୍କ ଗୁଡିକ ସ୍ଥାପିତ କରି ପାରିବ । ଏକଥା ବୁଝିବାକୁ ହେବ ଯେ ଶିକ୍ଷାର୍ଥୀ ଏକ ସାମାନ୍ୟିକୃତ ବା ପୂର୍ବନିର୍ଦ୍ଧାରିତ ପରିବେଶରେ ରହେ ନାହିଁ । ସେମାନେ ନିଜନିଜ ସ୍ୱତନ୍ତ୍ର ପରିବେଶରେ ହିଁ ରହନ୍ତି । ଆମେ ଏହି ପ୍ରଶ୍ନ ପଚାରିବା ଉଚିତ୍ ଯେ ଏହି ପରିବେଶକୁ ଖୋଜି ବୁଝିବାରେ ଶିକ୍ଷାର୍ଥୀଙ୍କୁ ଆମେ ସାହାଯ୍ୟ କରୁଛୁ ଅଥବା ବୟସ୍କ ରୂପେ ଶିକ୍ଷକ ଅନୁଭବ କରିଥିବା ପରିବେଶ ସମ୍ବନ୍ଧରେ ଶିକ୍ଷାର୍ଥୀଙ୍କୁ ଶିଖାଉଛୁ ? ଶିକ୍ଷାର୍ଥୀର ଶିକ୍ଷଣକୁ ପ୍ରାସଙ୍ଗିକ କରିବା ଏହା ସହ ଜଡ଼ିତ । ଶିକ୍ଷଣକୁ ପ୍ରାସଙ୍ଗିକ କରିବାରେ ପରିବେଶ ଅଧ୍ୟୟନର ପ୍ରସଙ୍ଗ ଗୁଡ଼ିକୁ ବାହାର ଦୁନିଆ ସହ ସମ୍ବନ୍ଧିତ କରାଯାଏ । ଏହା ଦ୍ୱାରା ଶିକ୍ଷାର୍ଥୀ ମାନେ ନିଜ ପରିବେଶରେ ଲକ୍ଷ୍ୟ କରୁଥିବା ଅଭିଜ୍ଞତା ହାସଲ କରୁଥିବା ଜିନିଷ ମଧ୍ୟରେ ସମ୍ବନ୍ଧ ସ୍ଥାପନ କରନ୍ତି, ନିଜ ଜ୍ଞାନ, ଅବବୋଧ ଓ ପ୍ରୟୋଗ ଦକ୍ଷତାର ନିର୍ମାଣ କରନ୍ତି । ଏହି ଧାରା ନିଜଠୁ - ପରିବାର -ଗୋଷ୍ଠି - ସମାଜ ଏହି କ୍ରମରେ ଅଗ୍ରସର ହୁଏ ।

ଟିପ୍ପଣୀ

ଏକ ଯାନ୍ତ୍ରିକ ଢ଼ଙ୍ଗରେ ଶିକ୍ଷାର୍ଥୀଙ୍କୁ ଜ୍ଞାନ ପ୍ରଦାନ କରିବା ପରିବର୍ତ୍ତେ ଏହାକୁ ହିଁ ଶିକ୍ଷାର୍ଥୀଙ୍କ ଦ୍ୱାରା ଜ୍ଞାନର ନିର୍ମାଣ ବୋଲି ଜା.ପା.ଆ.୨୦୦୫ ରେ ଗୁରୁତ୍ୱ ଦିଆଯାଇଛି । ଏହି ପରିବର୍ତ୍ତନ ଯୋଗୁଁ ଜା.ପା.ଆ.୨୦୦୫ ଶିକ୍ଷାର୍ଥୀ ନିଜର ବିବିଧ ଅଭିଜ୍ଞତା ଆଧାରରେ ନିଜ ଜ୍ଞାନର ନିର୍ମାଣ କରିବାରେ ବିଦ୍ୟାଳୟ ସହାୟତା କରିବା ଉପରେ ଗୁରୁତ୍ୱ ଦେଇଛି ।

ତୁମେ ଅନୁଭବ କରିଥିବ ଯେ ଜା.ପା.ଆ.୨୦୦୫ ପରେ ସଂଶୋଧନ ହୋଇଥିବା ପାଠ୍ୟପୁସ୍ତକରେ ଶିକ୍ଷାର୍ଥୀ ଦ୍ୱାରା ନିଜ ଜ୍ଞାନର ନିର୍ମାଣ ପାଇଁ ଶିକ୍ଷଣ ଅନୁଭୂତି ଗୁଡ଼ିକ ସଂଯୋଜିତ ହୋଇଛନ୍ତି । ନିଜ ପର୍ଯ୍ୟବେକ୍ଷଣ ଓ ଅଭିଜ୍ଞତାକୁ ଯୋଡ଼ିବାରୁ ସେମାନେ ନୂତନ ଧାରଣା (ଅର୍ଥ) ପାଇବା (ନୂତନ ତଥ୍ୟ ବିଜ୍ଞାନ), ନିଜ ପୂର୍ବ ଜ୍ଞାନକୁ ତା ସହ ଯୋଡ଼ିବା ବା ଆଗରୁ ସେମାନେ ହାସଲ କରିଥିବା ନିପୁଣତା ସହ ଯୋଡ଼ିବାରେ ସେମାନଙ୍କୁ ସହାୟତା କରିବା ଦରକାର । ଏଥି ପାଇଁ ଶିକ୍ଷାର୍ଥୀର ଶିଖିବା ଉପାୟ ଓ ସେ ନିଜର ଦୈନନ୍ଦିନ ଜୀବନରୁ ସେ କିପରି ଜ୍ଞାନ ଆହରଣ କରେ ଏହା ଶିକ୍ଷକ ଗଭୀର ଭାବରେ ବୁଝିବା ଆବଶ୍ୟକ ।

ଶିକ୍ଷା ମନୋବିଜ୍ଞାନମାନେ ଦର୍ଶାଇଛନ୍ତି ଯେ ସେତେବେଳେ ହିଁ ସର୍ବାଧିକ ଶିକ୍ଷଣ ହୁଏ ଯେତେବେଳେ ଶିକ୍ଷାର୍ଥୀ ନୂତନ ତଥ୍ୟର ପ୍ରକ୍ରିୟାକରଣ କରି ତାକୁ ନିଜ ସ୍ମୃତି, ଅଭିଜ୍ଞତା ଓ ଅନୁଭବ ଆଧାରରେ ଅର୍ଥପୂର୍ଣ୍ଣ କରେ । ଶିକ୍ଷଣ ସେତେବେଳେ ହିଁ ଅଧିକ ଫଳପ୍ରଦ ହେବ ଯେତେବେଳେ ଶିକ୍ଷାର୍ଥୀ ମାନେ ଦଳରେ ସମ୍ମିଳିତ ବା ସହଯୋଗ ଭିତ୍ତିରେ କାମ କରନ୍ତି । ଶିକ୍ଷଣ ତତ୍ତ୍ୱ – ଜ୍ଞାନର ନିର୍ମାଣ ମତବାଦ ଉପରେ ଏହି ପନ୍ଥା ପର୍ଯ୍ୟବେସିତ । ଏହି ପନ୍ଥାରେ ଆକାଂକ୍ଷିତ ଶିକ୍ଷଣ ଫଳାଫଳ ପାଇଁ ଶିକ୍ଷକ ଯେତେ ଅଧିକ ପ୍ରକାର ସମ୍ଭବ ଶିକ୍ଷଣ ପରିସ୍ଥିତି, ଅଭିଜ୍ଞତା (ସାମାଜିକ, ସାଂସ୍କୃତିକ, ଭୌତିକ ଓ ଜୈବିକ) ବ୍ୟବହାର କରି ଶ୍ରେଣୀ କାର୍ଯ୍ୟର ଯୋଜନା ଓ ସଙ୍ଗଠନ କରିବା ଦରକାର ।

ଶିକ୍ଷକ ନିଜେ ପାରମ୍ପରିକ ଶିକ୍ଷାଦାନ 'ପନ୍ଥାରେ ଶିଖିଥିବାରୁ ପରିବେଶ ଅଧ୍ୟୟନ ପରିଚାଳନାରେ ସଚେତନ ଭାବରେ ଶିକ୍ଷାଦାନ' ପରିବର୍ତ୍ତେ 'ଶିକ୍ଷଣ ଭିତ୍ତିକ ପନ୍ଥା' ବ୍ୟବହାର କରିବା ଶିକ୍ଷକଙ୍କ ପାଇଁ ନିଶ୍ଚିତ ଏକ ଆହ୍ୱାନ ଅଟେ ।

ପରିବେଶ ଅଧ୍ୟୟନ ପାଠ ପରିଚାଳନା (ବିଷୟବସ୍ତୁ ମାନ ସମନ୍ୱିତ ହୋଇଥିବା)ରେ ଶିକ୍ଷକ ନିଜେ ଅଧ୍ୟୟନ କରିଥିବା ବିଭାଗର ପରିସର ବାହାରକୁ ଯାଇ ଶିକ୍ଷଣ ଅନୁଭୂତିର ଏପରି ଯୋଜନା କରିବା ଦରକାର ଯାହା ବିଭିନ୍ନ ପରିସ୍ଥିତିର ସଂଶ୍ଳେଷଣ କରି ସମନ୍ୱିତ ଧାରଣା ହାସଲ କରିବାରେ ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବ । ଧାରଣା ଗୁଡ଼ିକ ବୁଝିବା ପାଇଁ ଶିକ୍ଷକ ନମନୀୟ ହେବା ଦରକାର । ପାଠ ପରିଚାଳନାରେ ମୌଳିକ ପ୍ରଶ୍ନ ଗୁଡ଼ିକ ସଂଯୋଜିତ କରିବା ଦରକାର ତଥା ଆଲୋଚ୍ୟ ପ୍ରସଙ୍ଗ ସମ୍ବନ୍ଧରେ ଏକ ଅନ୍ତର୍ଦୃଷ୍ଟି ହାସଲ କରିବା ଦରକାର । ଶିକ୍ଷାର୍ଥୀମାନେ ହୃଦୟଙ୍ଗମ କରିବା ଓ ସେମାନଙ୍କ ଦକ୍ଷତାର ବିକାଶ ପାଇଁ ଶିକ୍ଷଣ ଅନୁଭୂତି ଅନେକ ପ୍ରକାର କାର୍ଯ୍ୟ ଆବଶ୍ୟକ କରୁଥିବା ଆମେ ଦେଖିଛେ । ଶିକ୍ଷାର୍ଥୀମାନେ ନିଜ ପରିବେଶ ସମ୍ବନ୍ଧରେ ଜ୍ଞାନର ନିର୍ମାଣ କରି ନିଜ ଶିକ୍ଷଣ ପଥରେ ନିଜ ବେଗରେ ଅଗ୍ରସର ହୁଅନ୍ତି । ଯେତେବେଳେ ଶିକ୍ଷାର୍ଥୀ ଏହିପରି ହିଁ ଶିଖନ୍ତି ପ୍ରଶ୍ନ ଉଠେ – ସମସ୍ତ ଶିକ୍ଷାର୍ଥୀଙ୍କ ଆକଳନ/ମୂଲ୍ୟାୟନ ଗୋଟିଏ ସମୟରେ ଓ ଗୋଟିଏ ଉପାୟ ବା ସାଧନ ସାହାଯ୍ୟରେ ହେବା ଉଚିତ୍ କି ?

ଶିକ୍ଷାର୍ଥୀର ଶିକ୍ଷଣରେ ଗତିଶୀଳତା ଦୃଷ୍ଟିରୁ ଜା.ପା.ଆ.୨୦୦୫ ଗତିଶୀଳ ଆକଳନ/ମୂଲ୍ୟାୟନ

ଉପରେ ଗୁରୁତ୍ୱ ଦେଇଛି । ଏହା ଏଥିପାଇଁ ଆଉ ଏକ ଆହ୍ୱାନ ଯେ - ଏଥିରେ ପିଲାଏ କିପରି ଚିନ୍ତା କରନ୍ତି, ବୁଝନ୍ତି, ନିଜକୁ ପରିବେଶ ସହ ଯୋଡ଼ନ୍ତି, ସେମାନେ କେଉଁ ସବୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ପରିବେଶ ଅଧ୍ୟୟନ ଶିକ୍ଷଣ କାର୍ଯ୍ୟ ଓ ପ୍ରକଳ୍ପ ଗୁଡ଼ିକ କିପରି ସମ୍ପାଦିତ କରନ୍ତି - ଏସବୁ ସମ୍ବନ୍ଧରେ ଶିକ୍ଷକ ଅଧିକ ଜ୍ଞାନ ହାସଲ କରିବା ଦରକାର ହୁଏ ।

**ନିଜ ଅଗ୍ରଗତିର ଆକଳନ କର - ୩**

କ. ପରିବେଶ  ଅଧ୍ୟୟନ ପାଠ ପରିଚାଳନା ସମ୍ବନ୍ଧୀୟ ମୁଖ୍ୟ ଆହ୍ୱାନମାନଙ୍କର ତାଲିକା କର ।

ଖ. ଏକ ଶିକ୍ଷାର୍ଥୀ କୈନ୍ଦ୍ରିକ ପନ୍ଥାର କେଉଁସବୁ ଲକ୍ଷଣ ଥାଏ ?

ଗ. ପରିବେଶ ଅଧ୍ୟୟନକୁ ପ୍ରାସଙ୍ଗିକ କରିବା ଅର୍ଥ : (ଠିକ୍ ଉକ୍ତିରେ ✓ ଚିହ୍ନ ଦିଅ)

୧. ସରଳରୁ ଜଟିଳ କ୍ରମରେ ପରିବେଶ ଅଧ୍ୟୟନ ପାଠର ପରିଚାଳନା କରିବା ।

୨. ଜ୍ଞାତରୁ ଅଜ୍ଞାତ କ୍ରମରେ ପରିବେଶ ଅଧ୍ୟୟନ ପାଠର ପରିଚାଳନା କରିବା ।

୩. ଉଦାହରଣ ସହ ପରିବେଶ ଅଧ୍ୟୟନ ପାଠର ପରିଚାଳନା କରିବା ।

୪. ଶିକ୍ଷାର୍ଥୀର ବାସ୍ତବ ଜୀବନ ପରିସ୍ଥିତି ଓ ତାତ୍‌କ୍ଷଣିକ ପରିବେଶ ସହ ସମ୍ବନ୍ଧିତ କରି ପରିବେଶ ଅଧ୍ୟୟନ ପାଠର ପରିଚାଳନା କରିବା ।

## ୪.୭ ସାରାଂଶ

ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପରିବେଶ ଅଧ୍ୟୟନ ପାଠ୍ୟଖସଡ଼ା କିପରି ଜା.ପା.ଆ.୨୦୦୫ର ଦୃଷ୍ଟିକୋଣ ଓ ପନ୍ଥାକୁ ପ୍ରତିଫଳିତ କରୁଛି ତୁମେ ଜାଣିଛ । ପାଠ୍ୟଖସଡ଼ା ଆଧାରରେ ପାଠ୍ୟପୁସ୍ତକ ପ୍ରସ୍ତୁତିରେ ବିନିଯୋଗ ହୋଇଥିବା ବିଚାର ଓ ପ୍ରକ୍ରିୟା ସମ୍ବନ୍ଧରେ ମଧ୍ୟ ତୁମର ଏକ ଧାରଣା ଅଛି । ପାଠ୍ୟପୁସ୍ତକର ସଙ୍ଗଠନ ଓ ରୂପରେଖ ବୁଝିବାରେ ଏହି ପୃଷ୍ଠଭୂମି ତୁମକୁ ସାହାଯ୍ୟ କରିଛି । ଏହି ଏକକରେ ପାଠବହିର ମୁଖ୍ୟ ଲକ୍ଷଣ ଗୁଡ଼ିକର ଆଲୋଚନା ହୋଇଛି ଓ ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣରେ ଏଗୁଡ଼ିକର କିପରି ସଫଳ ଭାବରେ ବିନିଯୋଗ ହୋଇପାରିଛି - ତାହା ସୂଚୀତ କରାଯାଇଛି ।

ସଂକ୍ଷେପରେ - ପାଠ୍ୟପୁସ୍ତକରେ ଥିବା ସୁଯୋଗ/ଅବସର ଗୁଡ଼ିକ ଶିକ୍ଷାର୍ଥୀଙ୍କୁ ନିମ୍ନମତେ ସାହାଯ୍ୟ କରିବେ:

- ଚତୁଃପାର୍ଶ୍ୱରେ ଅନୁସନ୍ଧାନ କରି ପରିବେଶକୁ ଶିକ୍ଷଣ ସମ୍ବଳ ରୂପେ ବ୍ୟବହାର କରିବେ ।
- ପୂର୍ବରୁ ଥିବା ଜ୍ଞାନ ସହ ଦୈନନ୍ଦିନ ଜୀବନ ଅଭିଜ୍ଞତାକୁ ଯୋଡ଼ି ନୂତନ ଶିକ୍ଷଣ ହାସଲ କରିବେ ।
- ନିଜ ଚାରିପାଖ ପୃଥିବୀର ଅର୍ଥ ସ୍ଥିର କରିବେ
- ପାଠ୍ୟପୁସ୍ତକରେ ଥିବା ଜ୍ଞାନ ଓ ନିଜ ଅଭିଜ୍ଞତା ମଧ୍ୟରେ ଥିବା ସମ୍ପର୍କ ହୃଦୟଙ୍ଗମ କରିବେ ।
- ପର୍ଯ୍ୟବେକ୍ଷଣ, ଅନୁସନ୍ଧାନ, ତଥ୍ୟ ଲିପିବଦ୍ଧ କରିବା ଓ ବିବରଣୀ ଉପସ୍ଥାପନ କୌଶଳ ସମୂହ ଶାଣିତ ହେବ ।
- ଦଳଗତ କାର୍ଯ୍ୟ, ଯୋଗାଯୋଗ, ମୂଳଚାଲ କରିବା, ପୁଙ୍ଖାନୁପୁଙ୍ଖ ବିଚାର କରିବା, ନିଷ୍ପତ୍ତି ଗ୍ରହଣ କରିବା ଓ ସମସ୍ୟା ସମାଧାନ କରିବା ପରି ଅନେକ ଜୀବନ କୌଶଳର ବିକାଶ ହେବ ।
- ବିବିଧତାର ପ୍ରଶଂସା କରିବା (ପସନ୍ଦ କରିବା), ଆଞ୍ଚଳିକ - ସାଂସ୍କୃତିକ ଓ ସାମାଜିକ - ଅର୍ଥନୈତିକ ପାର୍ଥକ୍ୟକୁ ଉପଭୋଗ କରିବ ।

ନିଷ୍କ୍ରିୟ ଗ୍ରହୀତା ରୂପରେ ଶିକ୍ଷଣ ପ୍ରକ୍ରିୟାରେ ଏକ ସକ୍ରିୟ ସହଭାଗୀ ରୂପକୁ ରୂପାନ୍ତରିତ ହେବା ଏହି ପରିପ୍ରେକ୍ଷୀରେ ଶିକ୍ଷାର୍ଥୀମାନେ ବିଶ୍ଲେଷଣ, ବ୍ୟାଖ୍ୟାନ ଓ ପ୍ରତିଫଳନ ଜରିଆରେ ଜ୍ଞାନର ନିର୍ମାଣ କରିବାରେ ଉଭୟ ପାଠ୍ୟପୁସ୍ତକ ଓ ଶିକ୍ଷକ ସହାୟକର ଭୂମିକା ତୁଲାନ୍ତି । ଏହି ପରିପ୍ରେକ୍ଷୀରେ ଶିକ୍ଷାର୍ଥୀ ଆବିଷ୍କାର ଓ ହୃଦୟଙ୍ଗମ କରିବା ଯାତ୍ରା ପଥରେ ଶିକ୍ଷକ ରୂପେ ତୁମେ ଜଣେ ମାର୍ଗଦର୍ଶକ ହେବା ବିଧେୟ । ପାଠ୍ୟପୁସ୍ତକ ଏଥିପାଇଁ ଏକ ମାର୍ଗ ପ୍ରଦର୍ଶନ କରେ । ଏହା ସହ ପ୍ରତ୍ୟେକ ଶିକ୍ଷକ ନିଜ ଶିକ୍ଷାର୍ଥୀଙ୍କ ପରିବେଶ, ଆଗ୍ରହ, ପୃଷ୍ଠଭୂମି, ବୌଦ୍ଧିକ ବିକାଶର ସ୍ତର ମଧ୍ୟ ଉତ୍ତମ ରୂପେ ଜାଣିଛନ୍ତି । ପ୍ରତ୍ୟେକ ଶିକ୍ଷକ ସମୟ, ସମସ୍ୟା, ସମ୍ବଳ, ପରିଣତି ଦୃଷ୍ଟିରୁ ନିଜ ପରିସ୍ଥିତିରେ ବିଷୟ ସମ୍ବନ୍ଧୀୟ ଅସୁବିଧା ଗୁଡ଼ିକ ସମ୍ବନ୍ଧରେ ମଧ୍ୟ ଜ୍ଞାତ ଥା'ନ୍ତି । ଜଣେ ଶିକ୍ଷକ ରୂପେ ପାଠ୍ୟପୁସ୍ତକର ଉପଯୁକ୍ତ ବିନିଯୋଗ କରି ପ୍ରତ୍ୟେକ ଶିକ୍ଷାର୍ଥୀ ପାଇଁ ଏକ ଉପଯୁକ୍ତ ଶିକ୍ଷଣ ପରିବେଶ ସୃଷ୍ଟି କରିବା ତୁମ ଉପରେ ହିଁ ନିର୍ଭର କରେ ।

## ୪.୮ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

**ନିଜ ଅଗ୍ରଗତିର ଆକଳନ ୧**

କ. ସମ୍ପର୍କ ସମୂହ

ଅନୁସନ୍ଧିତ୍ସା, ସୃଜନୀଳତା

ସଚେତନତା

ହାତ ପାହାନ୍ତାରେ

**ନିଜ ଅଗ୍ରଗତିର ଆକଳନ ୨**

ନିଜ ଅଭିଜ୍ଞତା ମାନଙ୍କ ପ୍ରସ୍ତାବ ରଖ

**ନିଜ ଅଗ୍ରଗତିର ଆକଳନ ୩**

ଶିକ୍ଷାର୍ଥୀର ବାସ୍ତବ ଜୀବନ ପରିସ୍ଥିତି ଓ ତତ୍କ୍ଷଣିକ ପରିବେଶ ସହ ସମ୍ବନ୍ଧିତ କରି ପରିବେଶ ଅଧ୍ୟୟନ ପାଠର ପରିଚାଳନା କରିବା

## ୪.୯. ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- NCERT (2005) National Curriculum Framework 2005, New Delhi
- NCERT (2007), Environmental Studies – Looking around, Textbook for class IV,New Delhi.
- NCERT (1991): Elementary Teacher Education Curriculum, Guidelines and Syllabi, New Delhi.
- Syllabus for classes at the Elementary Level, NCERT, New Delhi.
- www.eelink.net (A directory of internet resources on environment education)
- www.envis.nic.in (Listing of various ENVIS nodes and their activities)
- http://www.esdtoolkit.org
- http://www.greenteacher.org
- www.kidsgreen.org

## ୪.୧୦ ପାଠାନ୍ତ ପ୍ରଶ୍ନାବଳୀ

୧. "ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣ ପରିପ୍ରେକ୍ଷୀରେ ଶିକ୍ଷକଙ୍କ ଜ୍ଞାନ ପ୍ରଦାନକାରୀ ଭୂମିକାରୁ ସକ୍ରିୟ ସହାୟକ ଓ ଜ୍ଞାନର ନିର୍ମାଣ ପ୍ରକ୍ରିୟାରେ ଏକ ସହ-ଶିକ୍ଷାର୍ଥୀ ରୂପକୁ ରୂପାନ୍ତରିତ ହୁଏ"। (ଜା.ପା.ଆ. ୨୦୦୫)
   ପରିବେଶ ଅଧ୍ୟୟନ ପାଠ୍ୟ ପୁସ୍ତକରେ ଥିବା ବିଚାର ପନ୍ଥା ଓ ଢାଞ୍ଚା ଆଧାରରେ ଉପରୋକ୍ତ ଉକ୍ତି ଉପରେ ନିଜର ମତ ଦିଅ ।